Weekly Multilingual
ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims
RNI Regd. No. :ODIMUL/2023/89182
Rs - 5.00
ଭାଗ:୨, ସଂଖ୍ୟା: ୧୭, ଭୁବନେଶ୍ୱର, ମାର୍ଚ୍ଚ ୧୦- ୧୬, ୨୦୨୫, Vol: 2, Issue: 17, Bhubaneswar, March 10-16, 2025 Pages- 8

# ବାଚସ୍ପତିଙ୍କ ନିର୍ବାଚନ ମଣ୍ଡଳୀ ରଣପୁର

**ଉପସ୍ଥାପନା : ଅର୍ପିତା ମିଶ୍ର**

ଯେଉଁଠାରେ କୌଣସି କାମ ବ୍ୟବସ୍ଥିତ ଢଙ୍ଗରେ ଚାଲିନଥାଏ କିମ୍ବା କାହାର କାହା ସହିତ ସମ୍ପର୍କ ନଥାଏ, ପାରସ୍ପରିକ ସମନ୍ୱୟର ଅଭାବ ଥାଏ ସେଠାରେ ପୁରୁଣାକାଳିଆ ଲୋକେ କହିଥାନ୍ତି ବେଛପୁରି ଶାସନ ଚାଲିଛି। ଯଦିଓ ବେଛପୁରି ଭଳି ଏକ ଶବ୍ଦ ଶବ୍ଦକୋଷରେ ନାହିଁ ତଥାପି ଏହାର ଅର୍ଥ ଓ ବ୍ୟବହାର ପ୍ରାୟ ସମସ୍ତେ କରିଥାନ୍ତି। ସେହି ବେଛପୁରି ଶାସନର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳୁଛି ଓଡ଼ିଶାର ମାନନୀୟା ବାଚସ୍ପତି ସୁରମା ପାଢୀଙ୍କ ରଣପୁର ନିର୍ବାଚନ ମଣ୍ଡଳୀରେ। ପରିବର୍ତ୍ତନର ହାୱା, ପୁରୁଣା ସରକାରରେ ଜଣେ ଅଣ-ଓଡିଆଙ୍କ ମନମାନି ଓ ନବୀନ ତାଙ୍କୁ ଅନ୍ଧ ଧୃତରାଷ୍ଟ୍ରଙ୍କ ଭଳି ଅହେତୁକ ସମର୍ଥନ ଦେବାରୁ ସରକାର ଭୁଷୁଡି ପଡ଼ିବା ସଙ୍ଗେ ସଙ୍ଗେ କିଛି ବିଜେପି ନେତା ଓ ନେତ୍ରୀମାନେ ନିର୍ବାଚନ ଜିତି ଯାଇଥିଲେ। ସେହି କ୍ରମରେ ଜିତିଯାଇଥିବା କିଛି ନେତା-ନେତ୍ରୀ ନିଜର ଜିତିବାକୁ ଭାବୁଛନ୍ତି ଯେ ନିଜେ ଲୋକପ୍ରିୟ ଥିଲେ। ପ୍ରଚୁର ପରିଶ୍ରମ କରିଥିବାରୁ ଲୋକେ ଆମକୁ ଜିତାଇଲେ। ନୂଆ ସରକାର ଆସିବା ପରେ ସାରା ଓଡ଼ିଶାରେ ଏବେ ଚାଲିଛି ପଞ୍ଚାୟତ, ବ୍ଲକ ଓ ଏନ୍.ଏ.ସି ମାନଙ୍କରେ ଅନାସ୍ଥା ରାଜନୀତି।କେଉଁଠି ବିଜେଡି ବିରୁଦ୍ଧରେ ବିଜେପି ତ ଅନ୍ୟ କେଉଁଠି ବିଜେପି ବିରୁଦ୍ଧରେ ବିଜେଡି। ଏ ସବୁ ରାଜନୀତିରେ ଚାଲେ ଓ ଚାଲିବ। ବାଚସ୍ପତି ସୁରମା ପାଢୀଙ୍କ ନିର୍ବାଚନ ମଣ୍ଡଳୀ ରଣପୁରରେ ତାର ବ୍ୟତିକ୍ରମ ଦେଖିବାକୁ ମିଳୁଛି, ଯାହା ସାରା ଓଡ଼ିଶାରେ ଏବେ ଚର୍ଚ୍ଚାର ବିଷୟ। ରଣପୁର ବ୍ଲକ୍'ରେ ଅଧ୍ୟକ୍ଷାଙ୍କ ବିରୁଦ୍ଧରେ, ମାନେ ବିଜେପି ଦଳର ଦଳୀୟ ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ଅନାସ୍ଥା ଯୋଜନା କରୁଛି ନିଜ ଦଳ ବିଜେପି। ସବୁଠାରୁ ଚର୍ଚ୍ଚାର ବିଷୟ ଏହା ଯେ ନେପଥ୍ୟରେ ରହି ଅନାସ୍ଥାର ମଙ୍ଗ ଧରିଛନ୍ତି ନିଜେ ବାଚସ୍ପତି। ଶାସନ ତନ୍ତ୍ରରେ ବାଚସ୍ପତିଙ୍କୁ ସରକାରଙ୍କ ଦର୍ପଣ ବୋଲି ବିଚାର କରାଯାଇଥାଏ। ସେ କେତେ ମାର୍ଜିତ, ସହନଶୀଳ, ବିଚାରବନ୍ତ ଓ ଧୈର୍ଯ୍ୟବାନ୍ ସେ ସବୁ ଆଧାରରେ ସରକାର ପ୍ରଶଂସା କିମ୍ବା ନିନ୍ଦା ସାଉଣ୍ଟି ଥାଆନ୍ତି। ବର୍ତ୍ତମାନର ବାଚସ୍ପତି ସୁରମା ପାଢୀ ଜଣେ ମହିଳା ଏବଂ ପୁରୁଖା ନେତ୍ରୀ ମଧ୍ୟ। ବର୍ତ୍ତମାନ ତାଙ୍କରି ନିର୍ବାଚନ ମଣ୍ଡଳୀରେ ଏହି ବିଚିତ୍ର ସ୍ଥିତି ପାଇଁ ସାରା ଓଡ଼ିଶାରେ ବିଜେପି ଦଳ ଏବେ ବଦନାମ୍ ହେବାକୁ ବସିଲାଣି। ଏବେ ଆସିବା ମୂଳ ପ୍ରସଙ୍ଗକୁ। ବିଧାୟକ ପାର୍ଥୀ ପାଇଁ ଦଳୀୟ ଟିକେଟ ଘୋଷଣା ବେଳେ ବିଜେପି ଦଳ ସମସ୍ତଙ୍କୁ ଚକିତ କରି ରଣପୁର ନିର୍ବାଚନ ମଣ୍ଡଳୀ ପାଇଁ ଅଭିଜ୍ଞ ସୁରମା ପାଢୀଙ୍କ ଟିକେଟ କାଟି ଯୁବ ନେତା ତଥା ନୟାଗଡ ଜିଲ୍ଲା ବିଜେପି ସଭାପତି ତାପସ ମାର୍ଥାଙ୍କ ନାମ ଘୋଷଣା କରିଥିଲା। ତାପସ ହେଉଛନ୍ତି ରଣପୁର ବ୍ଲକର ଅଧ୍ୟକ୍ଷା ନିର୍ମଳା ବେହେରାଙ୍କ ସ୍ୱାମୀ। ସେ ସଂଖ୍ୟା ଗରିଷ୍ଠତା ଥିବା ବିଜେଡି ଶିବିରରେ ସମସ୍ତଙ୍କୁ ଚକମା ଦେଇ ନିଜ ପତ୍ନୀ ନିର୍ମଳାଙ୍କୁ ଅଧ୍ୟକ୍ଷା ଭାବେ ନିର୍ବାଚିତ କରିବାରେ ସଫଳ ହୋଇଥିଲେ। ଏକଦା ସୁରମା ଓ ତାପସ ମାର୍ଥା ମିଳିତ ଭାବରେ ଦଳ ପାଇଁ କାମ କରୁଥିବା ବେଳେ ଦଳ ତାପସଙ୍କୁ କାହିଁକି ଟିକେଟ ଦେଲା ବୋଲି ସୁରମା ତାପସଙ୍କ ଉପରେ ରାଗି ପାଚି ଖପ୍ପା ହୋଇ କେନ୍ଦ୍ରୀୟ ନେତୃମଣ୍ଡଳୀଙ୍କ ଉପରେ ଚାପ ପକାଇଥିଲେ। ଫଳରେ ତାପସ ନିଜର ଟିକେଟ ଫେରାଇଥିଲେ ଓ ଦଳ ସୁରମାଙ୍କୁ ପ୍ରାର୍ଥୀ ଘୋଷଣା କରିଥିଲା। ପରିବର୍ତ୍ତନର ହାୱାରେ ସୁରମା ବି ନିର୍ବାଚନ ଜିତି ଯାଇଥିଲେ।

ସେହିଦିନ ଠାରୁ ତାପସ ଓ ସୁରମାଙ୍କୁ ଆଉ ଏକାଠି ଦେଖିବାକୁ ମିଳିଲା ନାହିଁ। ତାପସ ଓ ନିର୍ମଳା ନିର୍ବାଚନରେ ବିଜୟୀ ହୋଇଥିବା ସୁରମା ପାଢୀଙ୍କ ନିକଟତର ହୋଇ ଦଳ ପାଇଁ ମିଳିତ ଭାବେ କେମିତି କାମ କରାଯାଇ ପାରିବ ସେ ଚେଷ୍ଟା କରି ବିଫଳ ହେଲେ। ଫଳରେ ଏବେ ରଣପୁର ନିର୍ବାଚନ ମଣ୍ଡଳୀରେ ସମସ୍ତ ଉନ୍ନୟନ୍ କାମ ଏକ ରକମ ଠପ୍। କୁଜି ଠିକାଦାର ମାନେ ତାର ଫାଇଦା ନେବାରେ ଲାଗି ପଡିଛନ୍ତି। ଅଫିସର ମାନେ ଉଭୟଙ୍କ କଳିରୁ ଫାଇଦା ନେଇ ଏକରକମ ଶାସନ ତନ୍ତ୍ରକୁ ମନ୍ଥର କରିଦେଇଥିବା ବେଳେ ସମସ୍ତ ଉନ୍ନୟନ ଫାଇଲ ନାଲିଫିତାରେ ବନ୍ଧା ହୋଇ ପଡ଼ିଛି। ଲୋକେ କୁହାକୁହି ହେଲେଣି ନୂଆ ବିଜେପି ସରକାର ସେପଟେ କେବଳ ରଙ୍ଗ ବଦଳା କାମ କରୁଥିବା ବେଳେ ରଣପୁରରେ ସୁରମା କେବଳ ନିର୍ମଳାଙ୍କ ନାମ ଲିଭାଇବା ଯୋଜନାରେ ବ୍ୟସ୍ତ। ନିକଟରେ ବୃନ୍ଦାବନପୁର ଗ୍ରାମ ପଞ୍ଚାୟତ ବରିଷ୍ଠ ନାଗରିକ ସଭାଗୃହ ନିମନ୍ତେ ପୂର୍ବରୁ ନିର୍ମଳାଙ୍କ ନାମ ଲେଖା ହୋଇଥିବା ଫଳକକୁ ପରିବର୍ତ୍ତନ କରିବା ନିମନ୍ତେ ସୁରମାଙ୍କ ଅଦୃଶ୍ୟ ଚାପର ବଶବର୍ତ୍ତୀ ହୋଇ ଅନୁଷ୍ଠାନ କାର୍ଯ୍ୟକର୍ତ୍ତା ମାନେ କେମିତି ତାଙ୍କ ନାମକୁ ଲିଭାଇ ଦେଇଥିଲେ ତାହା ଚର୍ଚ୍ଚାରେ ଥିବା ବେଳେ ଗୋପାଳପୁର ଓ ଚାନ୍ଦପୁର ଜୋନ୍'ରେ ବି ସେହିଭଳି ସମାନ ନିର୍ମଳା ନାମ ଲିଭା ରାଜନୀତି ଦେଖିବାକୁ ମିଳିଛି। ପ୍ରୋଟୋକଲ୍ ଦୃଷ୍ଟିରୁ ଜରୁରୀ ହେଲେ ମଧ୍ୟ, ସରକାରୀ ଓ ବେସରକାରୀ ସଭା ସମିତିକୁ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କୁ ଯେତେଦୂର ସମ୍ଭବ ଦୂରେଇ ରଖିବାକୁ ଚାପ ସୃଷ୍ଟି କରୁଛନ୍ତି ସ୍ୱୟଂ ବାଚସ୍ପତି। ନିକଟରେ ନୟାଗଡ ଜିଲ୍ଲା ପରିଷଦର ୯ମ ସାଧାରଣ ଅଧିବେଶନରେ ସମସ୍ତ ନେତୃବୃନ୍ଦଙ୍କ ଉପସ୍ଥିତିରେ ରଣପୁର ବ୍ଲକ୍ ଅଧ୍ୟକ୍ଷା ନିର୍ମଳା ତାଙ୍କ ନିଜ ପଞ୍ଚାୟତ ସମିତି ଅଧିନରେ ଆସୁଥିବା ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟ ନିବାସ (ଚାନ୍ଦପୁର ହସ୍ପିଟାଲ) ପରିସରରେ କାହିଁକି ଓ କେମିତି ବାଚସ୍ପତିଙ୍କ ଉପସ୍ଥିତିରେ ଏକ ରଙ୍ଗାରଙ୍ଗ ସଭାର ଆୟୋଜନ କରାଗଲା, ରୋଗୀ ଥିବା ଡାକ୍ତରଖାନା ପରିସରରେ ମାଇକ୍ ବଜାଇ ସଭା କରିବା ପାଇଁ କିଏ ଅନୁମତି ଦେଲା ବୋଲି ଯଥାର୍ଥ ପ୍ରଶ୍ନ ଉଠାଇ ସମସ୍ତଙ୍କୁ ଚକିତ କରିଦେଇଥିଲେ। ଉପସ୍ଥିତ ଥିବା ବାଚସ୍ପତି ପରିସ୍ଥିତିକୁ ହାଲକା କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଦଳୀୟ କନ୍ଦଳ ଓ ଅନ୍ତର୍ଦ୍ୱନ୍ଦ ଦାଣ୍ଡରେ ପଡ଼ି ହାଟରେ ଗଡିଥିଲା। ଜିଲ୍ଲା ସଭାପତି ପଦରୁ ତାପସଙ୍କୁ ହଟାଇବା ଯୋଜନାରେ ଅସଫଳ ହେବା ପରେ ବାଚସ୍ପତି ଆହୁରି ହିଂସ୍ର ହୋଇ ଯାଇଛନ୍ତି ବୋଲି ସାଧାରଣରେ ଏବେ ଚର୍ଚ୍ଚା। ପୁରୀ ସାଂସଦ ସମ୍ବିତ ପାତ୍ର ଜିଲ୍ଲା ସଭାପତି ତାପସ ମାର୍ଥାଙ୍କୁ ଧରି ବୁଲୁଥିବା ବେଳେ ବିଧାୟିକା ତଥା ବାଚସ୍ପତି ବିଜେଡି ଦଳିଆ ରଣପୁର ଏନ୍.ଏ.ସି ଅଧ୍ୟକ୍ଷା ରଙ୍ଗୀନ ମହାନ୍ତି ଓ ତାଙ୍କ ସ୍ୱାମୀ ସ୍ୱରାଜ ଓରଫ ରାଜା ମହାନ୍ତିଙ୍କୁ ଧରି ବୁଲୁଛନ୍ତି (ପୃଷ୍ଠା-୩)



ମାନନୀୟା ବାଚସ୍ପତିଙ୍କ ମତାମତ ନେବା ପାଇଁ ଦୁଇଥର ଟେଲିଫୋନ ଯୋଗେ ଯୋଗାଯୋଗ କରିଥିଲେହେଁ, ସେ ଉପଲବ୍ଧ ନହେବାରୁ ମତାମତ ପ୍ରକାଶ ପାଇପାରୁନାହିଁ।

- ବିଜେପି ଟାଣୁଛି ବିଜେପି ଗୋଡ଼
- ଫଳକରୁ ବ୍ଲକ୍ ଅଧ୍ୟକ୍ଷାଙ୍କ ନାମ କାଟିବା ଓ ସଭାରେ ତାଙ୍କ ପାଇଁ ଚୌକି ନରଖିବା ପାଇଁ ମସୁଧା ଚାଲିଛି
- ବିଧାୟକଙ୍କ ଚିଠି ପାଇଁ ମଗାଯାଉଛି ପଇସା
- ବିଜେଡି ନିଷ୍କ୍ରିୟ, ନେଇ ପାରୁନି ଗୋଳିଆ ପାଣିରୁ ଫାଇଦା



*ଜିଲ୍ଲା ପରିଷଦ ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିର୍ମଳା ବେହେରା ହସ୍ପିଟାଲ ପରିସରରେ ସଭାକୁ ନେଇ ଉଠାଇଥିବା ପ୍ରଶ୍ନକୁ ନେଇ ଆଲୋଚନା ଆମ ଜିଲ୍ଲା ପରିଷଦ ବିଷୟ ପରିସର ବାହାରେ ହୋଇଥିଲେ ମଧ୍ୟ ଜିଲ୍ଲାପାଳ ଏହାର ପ୍ରକୃତ ଖବର ବୁଝିବାକୁ ନିର୍ଦ୍ଦେଶ ଦେବା ପରେ, ଜାଣିବାକୁ ପାଇଲୁ ଯେ ହସ୍ପିଟାଲ କର୍ତ୍ତୃପକ୍ଷ ସଭା ପୂର୍ବରୁ ଆବଶ୍ୟକୀୟ ଅନୁମତି ନେଇଥିଲେ। ବ୍ଲକ୍ ଅଧ୍ୟକ୍ଷାଙ୍କୁ ନିମନ୍ତ୍ରଣ କରିବା ନ କରିବା ସେମାନଙ୍କର ଇଚ୍ଛାଧୀନ ବ୍ୟାପାର। ରଣପୁର ନିର୍ବାଚନ ମଣ୍ଡଳୀରେ ବିକାଶ ମୂଳକ କାମ ଯଥାରୀତି ଚାଲିଛି। ପ୍ରତ୍ୟେକ ମାସରେ ସରକାରଙ୍କ ତରଫରୁ ତର୍ଜମା ହେଉଛି। ପୂର୍ବଭଳି ସବୁ ପାରାମିଟର୍ ଠିକ୍ ଅଛି। ଏମ୍.ଏଲ.ଏ, ଏମ୍.ପି ଲାଡ୍ ଅର୍ଥ କାମ ଅନ୍ୟତ୍ର ଉପଯୋଗ ହେବାର ଅଭିଯୋଗ ଆମ ପାଖରେ ନାହିଁ। ପୂର୍ବରୁ ଅର୍ଥ ବରାଦ ହୋଇଥିବା କାମ ଯଦି ଆରମ୍ଭ ହୋଇ ନଥିବ ତାହା ନିୟମ ଅନୁଯାୟୀ ଅନ୍ୟତ୍ର ଉପଯୋଗ ହୋଇ ପାରିବ। ବଡ ଗୋରଡ଼ା ମନ୍ଦିର ବିଷୟରେ ଏବେ ଶୁଣିଲି, ପୂର୍ବରୁ ଅଭିଯୋଗ ପାଇନଥିଲି। ଏବେ କଣ ହୋଇଛି ବୁଝି ପଦକ୍ଷେପ ନେବି।*

**ଦେବାଶିଷ ପଟ୍ଟନାୟକ**
**ସଭାପତି, ଜିଲ୍ଲା ପରିଷଦ, ନୟାଗଡ**



ପୂର୍ବ ଫଳକ



ବର୍ତ୍ତମାନ ଫଳକ



ଆମ ବିଜେପି ଦଳ ଭିତରେ କୌଣସି ଅନ୍ତଃ କନ୍ଦଳ ନାହିଁ। କେତେକ ଗଠନ ମୂଳକ କାମକୁ ନେଇ କାହା କାହା ମଧ୍ୟରେ ମତାନ୍ତର ଦେଖା ଯାଇ ପାରେ କିନ୍ତୁ ମନାନ୍ତର କିମ୍ବା ଗୋଡ଼ ଭିଡ଼ା ଭିଡ଼ି ନାହିଁ। ବିକାଶ ମୂଳକ କାମ ସବୁ ଠିକ୍ ଚାଲିଛି।

***ତାପସ ରଂଜନ ମାର୍ଥା***
***ଜିଲ୍ଲା ବିଜେପି ସଭାପତି, ନୟାଗଡ***



ଗଣତାନ୍ତ୍ରିକ ରାଷ୍ଟ୍ରରେ ଯାହା କଦାପି ହେବା କଥା ନୁହେଁ ତା'ଠାରୁ ବହୁତ୍ ଅଧିକ ଅନ୍ୟାୟ ଓ ଅତ୍ୟାଚାର ସମ୍ପୂର୍ଣ୍ଣ ରଣପୁର ନିର୍ବାଚନ ମଣ୍ଡଳୀରେ ଚାଲିଛି। ବିଧାୟିକା ତଥା ବାଚସ୍ପତି ସମସ୍ତ ଏମ୍.ପି ଓ ଏମ୍.ଏଲ୍.ଏ ଲାଡ ଅର୍ଥ କାମ ସବୁକୁ ଅନ୍ୟତ୍ର ଉପଯୋଗ କରୁଛନ୍ତି। ଜେ.ଇ, ବି.ଡ଼ି.ଓ ଏବଂ ଅନ୍ୟାନ୍ୟ ପଦାଧିକାରୀମାନଙ୍କୁ ଭୟଭୀତ କରାଇ କାମ ଆରମ୍ଭ ହୋଇନାହିଁ ବୋଲି ରିପୋର୍ଟ ଲେଖିବା ପାଇଁ ଧମକ ଚମକ ଦେଇ ବାଧ୍ୟ କରୁଛନ୍ତି। ବଡ ଗୋରୋଡା ମନ୍ଦିର କାମ ପ୍ରାୟତଃ ସରି ଯାଇଥିଲେ ମଧ୍ୟ ବାହାନା ଦେଖାଇ ବିଲ୍ ପାରିତ ହୋଇପାରୁନାହିଁ। ବିଧାୟକଙ୍କ ଠାରୁ ସାଧାରଣ ଚିଠିଟିଏ ଲେଖାଇ ଦେବାପାଇଁ ପଇସା ଦାବି କରା ଯାଉଛି। ବିଜେପି ଦଳ ଭିତରେ ଗୋଡ଼ ଟଣା ନୀତି ପାଇଁ ଏଠାରେ ବିକାଶ ପୁରା ଠପ୍ ହୋଇ ଯାଇଛି।

***ସତ୍ୟ ନାରାୟଣ ପ୍ରଧାନ***
***ପୂର୍ବତନ ବିଧାୟକ, ରଣପୁର***

# ଭାରତୀୟ ପରିବାରରେ ମହିଳାଙ୍କ ଅର୍ଥନୈତିକ ଭୂମିକା

ଭାରତୀୟ ପରିବାରର ଆର୍ଥିକ ବ୍ୟବସ୍ଥାକୁ ମହିଳାଙ୍କ ଦାନ ବିଷୟରେ ତର୍ଜମା କରିବାକୁ ହେଲେ ସାମାନ୍ୟ ପଛକୁ ଫେରିବାକୁ ପଡ଼ିବ ।ପ୍ରାଚୀନ ଭାରତୀୟ ଅର୍ଥନୀତିରେ ନାରୀର ଭୂମିକା ଆଲୋଚନା କରିବା ସମୟରେ ସ୍ମୃତି ରେ ସ୍ୱତଃ ଉଦ୍ଭାସିତ ହୁଏ ଅନେକ ଚିତ୍ର ଆଉ ତା ଭିତରେ ଭାସି ବୁଲେ ଗୋଟିଏ ସାଧାରଣ ମହିଳାର ଅସାଧାରଣ ଚରିତ୍ର। କିଭଳି ସୂର୍ଯୋଦୟ ପୂର୍ବରୁ ପ୍ରାତଃ ଶଯ୍ୟା ତ୍ୟାଗ କରି ଲାଗି ପଡ଼େ ଦୈନନ୍ଦିନ ଜୀବନ ଚର୍ଯ୍ୟାରେ। ନିଜର ନିଜ ପରିବାରର ସମସ୍ତ ସଦସ୍ୟଙ୍କ ଲାଳନ, ପାଳନ, ପୋଷଣ ପାଇଁ ସେ ନିଜର ସମସ୍ତ ସାମର୍ଥ୍ୟ, ଶକ୍ତି ତଥା ବୁଦ୍ଧିମତ୍ତାକୁ ନିୟୋଜିତ କରି ପକାଏ। କୃଷି ପ୍ରଧାନ ଭାରତର ମୁଖ୍ୟ ଜୀବିକା ଭିତରେ ମୁଖ୍ୟତଃ ବିଭିନ୍ନ ପ୍ରକାରର ଚାଷ ଏବଂ ତତ୍ ସଂଲଗ୍ନ ପଶୁ ପାଳନକୁ ବୁଝାଇଥାଏ। ଗାଁ ଗଣ୍ଡାରେ ବାସ କରୁଥିବା ମଣିଷ ନିଜର କୌଳିକ ବୃତ୍ତିକୁ ଜୀବିକା କରି ଚଳୁଥିଲା ଓ ଜୀବିକା ଉପରେ ନିର୍ଭରଶୀଳ ଥିଲା ତାର ଜୀବନ ପ୍ରବାହ। ଯେମିତି କେହି ଚାଷ, ପଶୁ ପାଳନ, ବସ୍ତ୍ର ବୟନ, ତୈଳ ଉତ୍ପାଦନରେ ନିୟୁକ୍ତ ଥିବା ବେଳେ ଭିନ୍ନ କିଛି ପେଷା ପାଇଁ ଭିନ୍ନ ଭିନ୍ନ ଉପାୟ ଅବଲମ୍ବନ କରାଯାଉଥିଲା। ବୈଦ୍ୟ ନିଜର ଔଷଧ ପ୍ରସ୍ତୁତି କରଣ, କଂସା ପିତ୍ତଳ କାମ , ଲୁହା କାମ, ସୁନା ରୁପା, ଚମଡା, ଲେଖା ପଢା, ପୂଜା ପାଠ ଏମିତି ଅନେକ ପ୍ରକାରର ପେଶା ମାଧ୍ୟମରେ ଘରର ଆର୍ଥିକ ଗୁଜୁରାଣ ମେଣ୍ଟାଉଥିଲା ମଣିଷ। ଏ ସମସ୍ତ କର୍ମରେ ତାକୁ ସହଯୋଗ କରୁଥିବା ପରିବାରର ସଦସ୍ୟଙ୍କ ଭିତରେ ସ୍ତ୍ରୀ'ଟିର ଭୂମିକା ଯେ ସର୍ବାଧିକ ଏଥିରେ ଦ୍ୱିମତ ହେବାର ନାହିଁ। ସ୍ୱାମୀ, ପୁତ୍ର କିମ୍ବା ପୁତ୍ରର ସମସ୍ତ କର୍ମରେ ଘରର ମହିଳା ମାନେ ସହଯୋଗୀର କାର୍ଯ୍ୟ କରୁଥିଲେ ଏପରିକି ପରିବାରରେ ପୁରୁଷର ଅନୁପସ୍ଥିତିରେ ନିଜେ ମଙ୍ଗ ସମ୍ଭାଳି ନେଉଥିଲେ। ଏହା ଭିନ୍ନ ମହିଳା ମାନେ ନିଜେ ଘର ବାରିରେ ପନିପରିବା ଚାଷ କରିବା, ପଶୁ ପକ୍ଷୀ ପାଳନ କରିବା କିମ୍ବା କୌଣସି ପ୍ରକାରର ହସ୍ତକର୍ମ ଉତ୍ପାଦ ପ୍ରସ୍ତୁତ କରି ନିଜ ବ୍ୟବହାର ପରେ ବଳକା ଦ୍ରବ୍ୟ ବିକ୍ରୟ ମଧ୍ୟ କରିପାରୁଥିଲେ। କହିବା ବାହୁଲ୍ୟ ପରିବାରରେ ମହିଳାଙ୍କ ରୋଜଗାର ପୁରୁଷଙ୍କ ଠାରୁ କୌଣସି କ୍ଷେତ୍ରରେ ଯେ କମ୍ ଥିଲା ତା ନୁହେଁ ବରଂ ଏହାକୁ କେହି ବିଚାରକୁ ନେଉ ନଥିଲେ।

ପୁରୁଷ ଟିଏ ଯେବେ ମାଟି ସହ ମାଟି ହୋଇ ଖଟି ଚାଲେ ଆଉ ତାର ସହଧର୍ମିଣୀ ତାକୁ ସଂପୂର୍ଣ୍ଣ ସହଯୋଗ କରିଚାଲେ, କଥା ହେଲା କେବଳ ଉତ୍ପାଦନରେ ନୁହେଁ ମହିଳା ଟିଏ ଆର୍ଥିକ ଦୃଷ୍ଟି କୋଣରୁ ଅଧିକ ପରିପକ୍ୱ। ସଂରକ୍ଷଣ ଓ ଖର୍ଚ୍ଚ ଉପରେ ମଧ ଉପଯୁକ୍ତ ନିୟନ୍ତ୍ରଣ ରକ୍ଷା କରିପାରେ ମହିଳା ଟିଏ। ଅଳ୍ପ ଖର୍ଚ୍ଚରେ ସ୍ୱାଦିଷ୍ଟ , ସୁପାଚ୍ୟ, ପୋଷଣରେ ଭ- 'ପୁର୍ ଦଶ'ଠା ଖାଦ୍ୟ ପରଷି ଦିଏ ମହିଳା ଜଣେ ପୁଣି ବଳକା ହୋଇ କିପରି ନଷ୍ଟ ନହେବ ସେଥିପାଇଁ ବି ସେ ସଜାଗ ରୁହେ। ସଂରକ୍ଷଣରେ ବି ସେ ଉସ୍ତାଦ ଅଟେ ଯେମିତି ବଡ଼ି, ପାମ୍ପଡ଼, ଆଚାର, ମସଲା ମସଲି ପ୍ରସ୍ତୁତ କରି ସାରା ବର୍ଷ ପାଇଁ ସାଇତି ରଖେ ସେମିତି ମୁଠି ଚାଉଳକୁ ମଧ ଭରଣା କରୁଥାଏ ଯଦି କେବେ ପରିବାରରେ ଅନ୍ନ ସଙ୍କଟ ଦେଖାଦିଏ ସେ ଅନ୍ନପୂର୍ଣ୍ଣା ସାଜି ଚଳାଇ ପାରିବ। କୌଣସି ପଦାର୍ଥ ବା ଦ୍ରବ୍ୟକୁ ନଷ୍ଟ କରିବା ତା ଚରିତ୍ରର ବିରୋଧ କରିଥାଏ। କୌଣସି ବିଶ୍ୱବିଦ୍ୟାଳୟରୁ ଅର୍ଥନୀତି ରେ ପି.ଏଚ.ଡି. ନକରି ମଧ ନାରୀଟିଏ ଯେ ଜଣେ ବିଜ୍ଞ ଅର୍ଥଶାସ୍ତ୍ରବିତ୍ ଏକଥା ଅନୁଧାନ କଲେ ଜଣାଯାଏ। ସମୟ ବଦଳିଲା, ବଦଳିଲା ଜୀବନ ଶୈଳୀ ତା ସହ ଉପାର୍ଜନ କରିବାର ମାଧ୍ୟମ ଓ ମାନସିକତା। ଦୃତ ଶିଳ୍ପାୟନ ଓ ସହରୀକରଣର ଛାପ ମଣିଷ ଜୀବନକୁ ବ୍ୟତିବ୍ୟସ୍ତ କରି ପକାଇଲା। ଜନସଂଖ୍ୟାର ବିସ୍ଫୋରଣ ସହ ସମାନ୍ତରାଳ ଗତିରେ ପ୍ରତିଯୋଗିତା ଭିତ୍ତିରେ ଉତ୍ପାଦନ କରିବାର ନୂତନ କୌଶଳ ଆପଣେଇ ନେଲା ମଣିଷ। କୃଷି, ଶିଳ୍ପ, ଶିକ୍ଷା, ଚିକିତ୍ସା, ବୈଷୟିକ ଜ୍ଞାନ , ବୈଜ୍ଞାନିକ ଗବେଷଣା ଓ ଉଦ୍ଭାବନ ପ୍ରତି କ୍ଷେତ୍ରକୁ ଜାବୁଡ଼ି ଧରିଲା। ପରିମାଣାତ୍ମକ ଉତ୍ପାଦନ କିନ୍ତୁ ଗୁଣାତ୍ମକ ମାନ କଥା ଧୀରେ ଧୀରେ ପଛରେ ରହିଗଲା। ବ୍ୟବସାୟିକ ସଫଳତା ପାଇଁ ଚାଲିଲା ପ୍ରତିଯୋଗିତା। ନାରୀ ଓ ପୁରୁଷମାନଙ୍କ ମଧ୍ୟରେ ମଧ ଏହି ତୁଳନାତ୍ମକ ବିଚାର ହୋଇ ପରସ୍ପର ପ୍ରତିଦ୍ୱନ୍ଦିତା କରିବା ଆରମ୍ଭ କରିଦେଲେ। ଆଜି ଉଭୟ ନାରୀ ପୁରୁଷ ଶିକ୍ଷା, ଦୀକ୍ଷା, ବୈଷୟିକ ଜ୍ଞାନ କୌଶଳ ପ୍ରଶିକ୍ଷଣରେ କେହି କାହା ଠାରୁ ପଛରେ ନାହାଁନ୍ତି। ପୁରୁଷ ପ୍ରଧାନ ସମାଜ କୁହାଯାଉଥିବା ସମୟ ଚାଲି ଯାଇଛି। ପ୍ରତି କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରିବାର ପଣ ନେଇ ସେ ଆଗେଇ ଚାଲିଛି। କେବଳ ଘରୁ ଗୋଡ଼ କାଢ଼ି ବାହାରକୁ ଯାଉ ନାହିଁ ବରଂ ଆଧୁନିକ ସମୟରେ ଆବଶ୍ୟକ ହେଉଥିବା ସମସ୍ତ କାର୍ଯ୍ୟ ତୁଲାଇବା ନିମନ୍ତେ ସେ ସକ୍ଷମ ହୋଇ ସାରିଛି। ଜଳ, ସ୍ଥଳ, ଆକାଶ କୁ ଆବୋରି ଥିବା ପୁରୁଷ ସମାଜ କୁ ଏକ ପ୍ରକାରେ ଆହ୍ୱାନ ଦେଇ ସେ ଆଜି, ଶ୍ରମିକ, କୃଷକ, ବୈଜ୍ଞାନିକ, ମନ୍ତ୍ରୀ, ଯନ୍ତ୍ରୀ, ତନ୍ତ୍ରୀ , ଶିଳ୍ପୀ, କାରିଗର, କଳାକାର, କ୍ରୀଡାବିତ୍, ଶିକ୍ଷିକା, ପ୍ରଶାସିକା, ବିଚାରପତି, ରେଳ କିମ୍ବା ରକେଟ୍ ଚାଳିକା ଟିଏ ହୋଇ ଦକ୍ଷତା ପ୍ରତିପାଦନ କରି ସାରିଛି। ବିଶିଷ୍ଟ ଶିଳ୍ପପତି, ଶ୍ରେଷ୍ଠ ରାଜନୀତିଜ୍ଞ , ଶ୍ରେଷ୍ଠ ସାହିତ୍ୟିକା, ବିଶ୍ୱର ଶ୍ରେଷ୍ଠ ଧନୀଙ୍କଙ୍କ ତାଲିକାରେ ନିଜକୁ ସାମିଲ୍ କରିସାରିଛନ୍ତି ମହିଳା ମାନେ। ପ୍ରଭୂତ ଓ ପ୍ରବଳ ଅର୍ଥ ଉପାର୍ଜନ କରି ନାରୀ ଆଜି ସନ୍ତୁଷ୍ଟ ତ ? ନାରୀ ଟିଏ କର୍ମଜୀବୀ ହୋଇ ବାହାରକୁ ଗଲେ ତା ପାଇଁ ଅନେକ କ୍ଷେତ୍ରରେ ଘର କାର୍ଯ୍ୟ ନିମିତ୍ତ ଅନ୍ୟ କାହା ଉପରେ ନିର୍ଭର କରିବାକୁ ପଡ଼େ ତା'ଛଡ଼ା ଶାରୀରିକ ଓ ମାନସିକ ଭାବରେ ଅତ୍ୟଧିକ ପରିଶ୍ରମ କରି ଉପାର୍ଜନ କରୁଥିବା ଅର୍ଥ ଯେଉଁ ପରିବାର ଓ ସନ୍ତାନଙ୍କ ସୁଖ ପାଇଁ ଅନେକ ସମୟରେ ସେ ତାଙ୍କ ଠାରୁ ଦୂରେଇ ଯାଇ ଥାଏ। ନିଜର ମୌଳିକ କର୍ତ୍ତବ୍ୟ ଓ ଅଧିକାରରୁ ଏକ ପ୍ରକାରରେ ବଞ୍ଚିତ ହୁଏ। ଅନେକ ସମୟରେ ପିତା-ମାତା, ପିଲା-ଛୁଆ, ସ୍ୱାମୀ ସମସ୍ତଙ୍କୁ ଛାଡ଼ି ଏକା ଏକା ରହିବାକୁ ପଡୁଛି। ଯେଉଁ ନାରୀ ଟିର ସ୍ନେହ ଶ୍ରଦ୍ଧାର ସ୍ପର୍ଶରେ ଏକ ସମୃଦ୍ଧ ପରିବାର ଗଢ଼ି ଉଠୁଥିଲା ଆଜି ସେ ପୂର୍ବାପେକ୍ଷା ନିଶ୍ଚିତ ଭାବରେ ଅଧିକ ଶ୍ରମ, ସମୟ , ଦେଇ ତାର ପରିବାରଙ୍କୁ ସୁଖୀ କରିବାକୁ ଚେଷ୍ଟା କରୁଛି। କିନ୍ତୁ ଏ କ୍ଷେତ୍ରରେ ସେ କେତେଯେ ସଫଳ ସେ ନିଜେ ବିଚାର କରିବା ଉଚିତ୍। ବଢ଼ିଛି ଆମଦାନୀ କିନ୍ତୁ ଅଭାବ ଛାଡୁନି। କର୍ମ ଦକ୍ଷତା ବଢ଼ିଛି କିନ୍ତୁ କର୍ମ ପ୍ରବଣତା କମିଛି ଯାହା ଫଳରେ ଅଳସୁଆ, ଦୀର୍ଘ ସୂତ୍ରୀ ହୋଇ ପଡୁଛି ଗୋଟାଏ ସମାଜ । ଅନ୍ୟ ସହ ତୁଳନା କରି ହୀନମନ୍ୟତାର ଶୀକାର ହୁଏ ମଣିଷ ଏଥିପାଇଁ ଅନୈତିକ ଉପାୟ ଅବଲମ୍ବନ କରି ପ୍ରଭୂତ ଅର୍ଥ ଉପାର୍ଜନ କରିବାର ଲାଳସାରେ ବିପଥଗାମୀ ହୁଏ ଯାହା ଅଧୁନା ସଂକ୍ରାମକ ବ୍ୟାଧି ପରି ସମାଜରେ ବ୍ୟାପୁଛି। ଘଷି ଗୋବର, ଡାଳ ପତ୍ର, କାଠଚୁଲା ଜାଳି ରୋଷେଇ କରିବାର ସମୟ ଚାଲି ଯାଇଛି ମାତ୍ର ଖାଦ୍ୟ ପ୍ରସ୍ତୁତ ନକରି ହୋଟେଲ୍'ରୁ ଅଖାଦ୍ୟ କିଣା ହେଉଛି। ଅନାବଶ୍ୟକ ଭାବରେ ଖର୍ଚ୍ଚ କରିବାର ଅଭ୍ୟାସ ହୋଇଗଲାଣି ଆଧୁନିକ ଜୀବନରେ। ଅପ୍ରାକୃତିକ ଜୀବନଚର୍ଯ୍ୟା ଯୋଗୁଁ ଶାରୀରିକ ଓ ମାନସିକ ରୋଗର ଶୀକାର ହେଇ ପଡୁଛନ୍ତି ଅନେକ। 'ଗୋଦରୀ କୋଡେ ଯେତେ ମାଡେ ସେତେ' ପରି ଆମର ଉନ୍ନତି, ପ୍ରଗତି ଆଉ ଅଗ୍ରଗତି ହୁଏ ସିନା କିନ୍ତୁ ଆମେ ବାସ୍ତବରେ କେଉଁଠାରେ ଅଛନ୍ତି ? ପ୍ରଥମେ ଯନ୍ତ୍ରପାତି ତା'ପରେ କମ୍ପ୍ୟୁଟର' ଅଧୁନା କୃତ୍ରିମ ବୁଦ୍ଧିମତ୍ତାର (ଇଓ) କାୟା ବିସ୍ତାର ଯୋଗୁଁ ଅନେକାଂଶରେ ମଣିଷ ପଙ୍ଗୁ ପାଲଟି ଯାଇଛି। ଏସବୁର ପ୍ରଭାବ ସେହି ମହିଳାଟି ଉପରେ ବୋଧହୁଏ ବେଶୀ ପଡୁଛି ଯିଏ ଘର ସମ୍ଭାଳିବା, ସନ୍ତାନକୁ ଗଢ଼ି ତୋଳିବା, ବାହାର ଦୁନିଆ ସହ ଖାପ ଖୁଆଇ ନିଜକୁ ତଥା ପରିବାରକୁ ଚଳାଇବା ଭିତରେ ନିଶ୍ଚୟ କେଉଁଠି ନାଁ କେଉଁଠି ଦିଗ ହଜେଇ ଅସହାୟ ପାଲଟି ଯାଉଛି। ପରିବାରର ଆର୍ଥିକ ମେରୁଦଣ୍ଡକୁ ଯଦି କେହି ଶକ୍ତ କରି ପାରେ ସେ ସେହି ଘରର ସ୍ତ୍ରୀ, ତାର ପରିଶ୍ରମ କର୍ମଠ, ଯୋଗାଡ଼ିଆ ଅଭ୍ୟାସ, ମିତବ୍ୟୟୀ, ବିଚକ୍ଷଣା, ସଂରକ୍ଷଣ କରିବାର ସ୍ୱଭାବ କୌଣସି ସ୍ଥିତିରେ ଆର୍ଥିକ ସଙ୍କଟରୁ ଉଦ୍ଧାର କରିପାରେ। ସାମାନ୍ୟ କଞ୍ଜୁସ ହୋଇ ସଞ୍ଚୟ କରିଥିବା ଧନ ରାଶିକୁ ସେ ଅସୁବିଧା ସମୟରେ ଗୃହକାର୍ଯ୍ୟରେ ଲଗାଇ ପରିବାରର ବୋଝକୁ ଜୀବନରେ କରିପାରେ। ଆଜି ଆମେ ଏକ ବିଂଶ ଶତାବ୍ଦୀର ମଣିଷ ଆଉ ଆମ ପଶ୍ଚଭାଗରେ ଛାଡ଼ି ଆସିଛନ୍ତି ଏକ ସୁଦୀର୍ଘ ସଭ୍ୟତାର ଅନୁଭବ। ପରମା ପ୍ରକୃତି



ସୁଜାତା ଦାସ ମହାନ୍ତି

ନାରୀ ଜାୟା, ଜନନୀ, ଭଗିନୀ, ପୁତ୍ରୀ ରୂପେ ସର୍ବଦା ଆଦରଣୀୟ। ସେ ଅତୀତରେ ଯେଉଁଭଳି ଆର୍ଥିକ ସହାୟତା ଦେଉଥିଲା ଆଜିବି ଦେଉଛି ଆଗକୁ ମଧ ଦେଇ ଚାଲିଥିବ। ତାର ବିନା ସହଯୋଗରେ ଅର୍ଥ ବ୍ୟବସ୍ଥା ସନ୍ତୁଳିତ ହୋଇ ପାରିବ ନାହିଁ, ତଥାପି ପାରମ୍ପରିକ ବିଧି ସହ ଆଧୁନିକ ଜୀବନ ପ୍ରବାହ ଭିତରେ ସାମଞ୍ଜସ୍ୟ ରକ୍ଷା କରି ଚଳିବାକୁ ପଡ଼ିବ। ପ୍ରଚୁର ରୋଜଗାର ସହ 'ପ୍ରାପ୍ତକୁ ପର୍ଯ୍ୟାପ୍ତ' ମଣିବା ହିଁ ସୁଖୀ ଜୀବନରେ ମନ୍ତ୍ର ତେଣୁ ଜୀବନକୁ ଦେଖିବାର ଦୃଷ୍ଟିଭଙ୍ଗୀ ବଦଳାଇ ଦେଲେ ଆମେ ଆଉ ଅଣନିଃଶ୍ୱାସି ହୋଇ ଅନିଶ୍ଚିତ ଲକ୍ଷ୍ୟର ପାଶ୍ଚାତ ଧାବନ କରିବାରେ ବ୍ୟାପ୍ତ ହେବା ନାହିଁ। ଏକଥା କେବଳ ଜଣେ ମହିଳା ହିଁ ଜାଣେ, ସେଥିପାଇଁ ତ ସେ ସ୍ୱଳ୍ପ ଆୟରେ ବି ସୁରୁଖୁରୁରେ ପରିବାରର ସମସ୍ତ ଖର୍ଚ୍ଚକୁ ତୁଲେଇ ସଞ୍ଚୟ ମଧ କରିପାରେ। ନାରୀ ନାରାୟଣୀ, ବିଦୁଷୀ, ମହିୟସୀ ତାର ସେବା, ତ୍ୟାଗ, ଉତ୍ସର୍ଗୀକୃତ ଜୀବନର ମୂଲ୍ୟାଙ୍କନ ଶବ୍ଦ ମାଧ୍ୟମରେ କଳନା କରିବା ଅସମ୍ଭବ ! ସେହି ଭଳି ତାର ପରିବାର ପ୍ରତି ଥିବା ଆର୍ଥିକ ସହାୟତାକୁ ମଧ ଅର୍ଥ ଦେଇ କିଣା ଯାଇ ନପାରେ, ହୋଇପାରେ ସେ କର୍ମଜୀବି କିମ୍ବା ନିରୋଳା ଗୃହିଣୀ ଟିଏ ତାର ସହାୟତା ବିନା ପରିବାର, ରାଷ୍ଟ୍ର, ସମାଜ ଓ ସଭ୍ୟତା ଯେ ଦରିଦ୍ର ଏକଥା ଏବେ ନୁହେଁ ପ୍ରାଚୀନ, ପୌରାଣିକ, ବୈଦିକ ଭାରତୀୟ ସାମାଜିକ ଚରିତ୍ରରେ ବାରମ୍ବାର ଦର୍ଶାଇ ଦିଆ ଯାଇଛି। ସେଥିପାଇଁ ସେ ପିତ୍ରାଳୟରେ ଲକ୍ଷ୍ମୀ, ସ୍ୱାମୀ ଗୃହରେ ଗୃହଲକ୍ଷ୍ମୀ। ଯୁଗେ ଯୁଗେ ପୂଜିତା ସେ ସୌଭାଗ୍ୟ ଲକ୍ଷ୍ମୀ !

ମୋ: ୬୩୭୦୨ ୯୪୧୩୮

# ଅକ୍ଟୋପସ୍

ଅକ୍ଟୋପସ୍ (ଅଷ୍ଟବାହୁ) ମୋଲୁସ୍କା ପ୍ରଜାତିର ଏକ ସାମୁଦ୍ରିକ ପ୍ରାଣୀ । ଏହାର ବୈଜ୍ଞାନିକ ନାମ **Octopada** । ଏହାର ଶାରୀରିକ ଗଠନ ସବୁ ସାମୁଦ୍ରିକ ପ୍ରାଣୀମାନଙ୍କଠାରୁ ଭିନ୍ନ ହୋଇଥାଏ। ଶରୀରରେ ନୀଳରକ୍ତ ପ୍ରବାହିତ ହେଉଥିବା ଅସ୍ଥିଶୂନ୍ୟ ସୁଡୋଳ ଶରୀରଯୁକ୍ତ ଅକ୍ଟୋପସ୍ ,ଇଛାନୁସାରେ ନିଜର ରୂପ, ରଙ୍ଗ ଓ ଆକୃତି ବଦଳାଇ ପାରେ ଓ କ୍ଷୀପ୍ରଗତିରେ ଯାଇ ଅଦୃଶ୍ୟ ହୋଇଯାଏ । ଏହି ଅଦ୍ଭୁତ ରହସ୍ୟମୟ ସାମୁଦ୍ରିକ ପ୍ରାଣୀର ୮ଟି ଗୋଡ, ୩ ଟି ହୃଦୟ ୯ ଟି ମସ୍ତିଷ୍କ ,୨ ଟି ଆଖି ଓ ଶରୀରରୁ ଜଳ ନିଷ୍କାସନ କରିବା ପାଇଁ ଏକ ସାଇଫନ ଥାଏ । ଏହା ତାକୁ ଆଗକୁ ଗତିଶୀଳ କରାଇବାରେ ସାହାଯ୍ୟ କରିଥାଏ ।

ପ୍ରାୟ ସବୁ ସାଗର ଓ ମହାସାଗରରେ ଅକ୍ଟୋପସର ୩୦୦ ପ୍ରଜାତି ଦେଖିବାକୁ ମିଳନ୍ତି । ସବୁଠାରୁ ବେଶି ପରିମାଣର ଅକ୍ଟୋପସ୍ 'ଭଲଗାରିଚ୍' ୩ କିଲୋଗ୍ରାମ ରୁ ୧୦ କିଲୋଗ୍ରାମ ଓଜନ ଓ ଲମ୍ବାରେ ୧୨ ରୁ ୩୬ ଇଞ୍ଚ ହୋଇଥାଏ। ଜ୍ୟାଣ୍ଟ ପ୍ୟାସିଫିକ ଅକ୍ଟୋପସ୍ର ଓଜନ ୫୦ କିଲୋଗ୍ରାମ ଓ ଲମ୍ବାରେ ୧୬ ଫୁଟ ପର୍ଯ୍ୟନ୍ତ ବଢିଥାଏ । କାନାଡ଼ା ଉପକୂଳରେ ସର୍ବାଧିକ ୩୦ ଫୁଟ ଲମ୍ବର, ୨୭୨ କିଲୋଗ୍ରାମ ଓଜନର ଅକ୍ଟୋପସ୍ ମିଳିବାର ରେକର୍ଡ ରହିଛି । ତେବେ ସବୁଠାରୁ କ୍ଷୁଦ୍ର 'ଗୋଲଫି' ଅକ୍ଟୋପସ୍ ର ଓଜନ ମାତ୍ର ୧ ଗ୍ରାମ ଓ ଲମ୍ବା ୧ ଇଞ୍ଚ ହୋଇଥାଏ ।

ଅକ୍ଟୋପସର ୮ ଟି ବାହୁରେ ଗୋଟିଏ ଗୋଟିଏ ମସ୍ତିଷ୍କ ଥିଲାବେଳେ ଏହାର ଶରୀରରେ ଏକ ମୁଖ୍ୟ ମସ୍ତିଷ୍କ ଥାଏ । ପ୍ରତିଟି ବାହୁରେ ଥିବା ମସ୍ତିଷ୍କ ,ବାହୁକୁ ସ୍ୱତନ୍ତ୍ର ଭାବେ ନିୟନ୍ତ୍ରଣ କରନ୍ତି । ସମ୍ମୁଖ ଭାଗର ୬ ଟି ବାହୁ ହାତର କାମ କଲାବେଳେ ପଛ ଦୁଇଟି ବାହୁ ଗୋଡର କାମ କରିଥାନ୍ତି ତେବେ ଅକ୍ଟୋପସ୍ ୩୬୦ ଡିଗ୍ରୀ ପରିସରକୁ କ୍ଷୀପ୍ରଗତିରେ ଯିବାର କ୍ଷମତା ରଖେ । ଦୁଇଟି ହୃଦୟ ମୁଖ୍ୟ ହୃଦୟକୁ ରକ୍ତ ଯୋଗାଉ ଥିଲାବେଳେ



, ମୁଖ୍ୟ ହୃଦୟ ଶରୀରର ସମସ୍ତ ଅଂଶକୁ ନୀଳରକ୍ତ ଯୋଗାଇଥାଏ । ସବୁ ଅକ୍ଟୋପସ୍ ବିଶାକ୍ତ ନହେଲେ ବି ନୀଳରଙ୍ଗର ଅକ୍ଟୋପସ୍ ମଣିଷ ପାଇଁ ପ୍ରାଣଘାତୀ ହୋଇଥାଏ । ଅକ୍ଟୋପସକୁ ସମୁଦ୍ରର ସବୁଠାରୁ ବୁଦ୍ଧିମାନ ପ୍ରାଣୀଭାବେ ଗଣାଯାଏ । ଫିପା ବିଶ୍ୱକପ ଫୁଟବଲରେ ଅକ୍ଟୋପସ୍ ସଠିକ ଭବିଷ୍ୟବାଣୀ କରିଥିବା ଆପଣମାନେ ଜାଣନ୍ତି । ଅକ୍ଟୋପସ୍ ବୁଦ୍ଧିମାନ ହେବାର କାରଣ ହେଉଛି ଏହାର ୯ ଟି ମସ୍ତିଷ୍କ ଓ ୩ ଟି ହୃଦୟ ତେବେ ଚାଇନା ଓ ଇଟାଲିବାସୀଙ୍କର ଅକ୍ଟୋପସ୍ ହେଉଛି ଏକ ପ୍ରିୟ ଖାଦ୍ୟ ।


ଅକ୍ଟୋପସ୍ ବିଶେଷତଃ ରାତ୍ରିଚର ଓ ଜ୍ୟାଣ୍ଟ ସ୍ପେସିଫିକ ଅକ୍ଟୋପସ୍ ସମୁଦ୍ରର ୨୦୦୦ ଫୁଟ ତଳେ ସମୁଦ୍ର ଶଯ୍ୟାରେ ବିଚରଣ କରି ଶିକାର ଖୋଜିଥାଏ । 'ଭଲଗାରିଚ' ପ୍ରଜାତିର ଅକ୍ଟୋପସ୍

## ଜୀବଜଗତ

ସକାଳ ଓ ସନ୍ଧ୍ୟା ସମୟରେ ଶିକାର ଅନ୍ୱେଷଣରେ ସମୁଦ୍ରର ଉପର ଭାଗକୁ ଆସନ୍ତି। ଏମାନେ ସାଧାରଣତଃ କଙ୍କଡା, ଚିଙ୍ଗୁଡ଼ି, ମାଛ ଆଦି ସାମୁଦ୍ରିକ ଜଳଜୀବ ମାନଙ୍କୁ ଶିକାର କରିଥାନ୍ତି । ସେତେବେଳେବି ଏମାନଙ୍କ ଉପରେ ଅପୋକ୍ଷାକୃତ ବଡ ଜଳଜୀବ ମାନଙ୍କର ଆକ୍ରମଣର ଭୟଥାଏ । ତେବେ ଶତ୍ରୁକୁ ଚକମା ଦେବାରେ ଏମାନେ ସିଦ୍ଧହସ୍ତ ।

ଏମାନେ ସମୁଦ୍ର ଶଯ୍ୟାର ଭୌଗଳିକ ଆକୃତି ଓ ରଙ୍ଗ ଅନୁସାରେ ନିଜକୁ ପରିବର୍ତ୍ତିତ କରିପାରନ୍ତି । ଏଥିରେ ସଫଳ ନହେଲେ ସେମାନେ ଶରୀରରୁ ନୀଳରକ୍ତ ନିର୍ଗତକରି ଜଳରାଶିକୁ ସମ୍ପୂର୍ଣ୍ଣ କଳାରଙ୍ଗ କରିଦିଅନ୍ତି ଯାହାଫଳରେ ଶିକାରୀ ଏମାନଙ୍କୁ ଦେଖିପାରେ ନାହିଁ । ସବଠାରୁ ନିରାଶ ହେଲେ ଏମାନେ ନିଜର ଗୋଟିଏ ବାହୁକୁ ଶରୀରରୁ ଅଲଗାକରି ଖସିଯାଆନ୍ତି । ବାହୁ ସହିତ ମସ୍ତିଷ୍କ ସଂଯୁକ୍ତ ଥିବାରୁ ଏହା ଏକଘଣ୍ଟା ପର୍ଯ୍ୟନ୍ତ ଜୀବିତ ଥାଏ । କିଛିଦିନ ପରେ ପୁଣିଥରେ ଅକ୍ଟୋପସ୍ ର କ୍ଷୟ ହୋଇଥିବା ବାହୁ ଓ ମସ୍ତିଷ୍କ ପୁନର୍ବାର ସୃଷ୍ଟି ହୁଏ। ଜ୍ୟାଣ୍ଟ ପ୍ୟାସିଫିକ ଅକ୍ଟୋପସ୍ ସାର୍କ ଓ ଡ଼ଲଫିନକୁ ମଧ ଶିକାର କରିଥାଏ । ଏମାନଙ୍କ ଦୃଷ୍ଟି ଶକ୍ତି ପ୍ରଖର ଓ ମଣିଷର ଆଖି ସହିତ ସାମଞ୍ଜସ୍ୟ ରହିଛି । ସର୍ବାଧିକ ୧୫ ଇଞ୍ଚ ବ୍ୟାସର ଆଖି ଏମାନଙ୍କ ର ଦେଖିବାକୁ ମିଳେ ।

ଏମାନଙ୍କ ଜୀବନକାଳ, ପ୍ରଜାତିଭେଦରେ ୬ ମାସରୁ ୫ ବର୍ଷ । ଅଧିକାଂଶ ଶିଶୁ ଅକ୍ଟୋପସ୍ ସୁରକ୍ଷାଗତ କାରଣରୁ ଅଳ୍ପ ଦିନରେ ଅନ୍ୟ ଜଳଜୀବ ବା ମଣିଷର ଶିକାର ହୁଅନ୍ତି । ତେବେ ବୟସ୍କ ହୋଇଗଲେ ଏମାନଙ୍କ ସୁରକ୍ଷା ସ୍ୱୟଂ ନିଜେ କରନ୍ତି । ଅକ୍ଟୋପସ୍ ନିଜ ପ୍ରଜାତିର ଅକ୍ଟୋପସକୁ ବେଳେବେଳେ ମାରି ଖାଇଯିବା ଦେଖାଯାଏ । ଶିକାର ନପାଇ , ଅତ୍ୟଧିକ ଭୋକରେ ରହି ଅକ୍ଟୋପସ୍ ନିଜର ଗୋଟିଏ ବାହୁକୁ ଉଦରସ୍ଥ କରି ନିଜର ଭୋକ ମେଣ୍ଟାଇଥାଏ । ଏମାନେ ଏକପତ୍ନୀକ ଓ ଜୀବନରେ ଥରେ ମାତ୍ର ପ୍ରଣୟ ମିଳନ କରିବାର ସୁଯୋଗ ପାଇଥାନ୍ତି । ପୁରୁଷ ଅକ୍ଟୋପସ୍ ତାର ଗୋଟିଏ ବାହୁକୁ ପ୍ରଜନନ ଅଙ୍ଗରୂପେ ବ୍ୟବହାର କରିଥାଏ ଯାହାକି ସ୍ତ୍ରୀ ଅକ୍ଟୋପସ୍ ଶରୀରରେ ବିଚ୍ୟୁତ ହୋଇ ରହି ଯାଇଥାଏ। ସହବାସ ପରେ



କାର୍ତ୍ତିକ ଚନ୍ଦ୍ର ପଣ୍ଡା

ସ୍ତ୍ରୀ ଅକ୍ଟୋପସ୍ ୨୪ ଘଣ୍ଟା ପର୍ଯ୍ୟନ୍ତ ମୂର୍ଚ୍ଛିତ ଅବସ୍ଥାରେ ରହେ । ଏହାର ପରେପରେ ପୁରୁଷ ଅକ୍ଟୋପସର ମୃତ୍ୟୁହୁଏ ।

ପ୍ରଜାତିଭେଦରେ ସ୍ତ୍ରୀ ଅକ୍ଟୋପସ୍ ୨୦୦୦୦ ହଜାର ରୁ ୨୦୦୦୦୦ ଲକ୍ଷ ପର୍ଯ୍ୟନ୍ତ ଅଣ୍ଡା ଦେଇଥାଏ । ସେ ଅଣ୍ଡାର ସର୍ବାଧିକ ରକ୍ଷଣା ବେକ୍ଷଣ କରିଥାଏ ଓ ୨୪ ଘଣ୍ଟା ଜଗି ରହିଥାଏ। ଏହି ସମୟରେ ସେ ଆଦୌ ଶିକାରକୁ ଯାଇନଥାଏ। ନିଜର ବାହୁକୁ ଗୋଟିଏ ପରେ ଗୋଟିଏ ଭକ୍ଷଣ କରି ଭୋକ ମେଣ୍ଟାଇଥାଏ । ଅଣ୍ଡାରୁ ଛୁଆ ଫୁଟିବାପାଇଁ ପ୍ରଜାତିଭେଦରେ ୨୫ ଦିନ ରୁ ୫୩ ମାସ ସମୟ ଲାଗିଥାଏ । ଅଣ୍ଡାରୁ ଛୁଆ ଫୁଟିଲେ ମା ଅକ୍ଟୋପସ୍ର ମୃତ୍ୟୁ ଘଟେ । ଅନାହାର ହିଁ ଏହାର ଏକମାତ୍ର କାରଣ ହୋଇଥାଏ। ମାତାପିତାଙ୍କ ସୁରକ୍ଷା ବିନା ଶିଶୁ ଅକ୍ଟୋପସ୍ ସ୍ୱୟଂସମ୍ପୂର୍ଣ୍ଣ ବଡ଼ ହୁଅନ୍ତି ଓ ନିଜନିଜର ଜୀବନକାଳ ଅତିକ୍ରମ କରି ପିତାମାତାଙ୍କ ପରି ସମଦଶା ଭୋଗନ୍ତି ।

ଭୁବନେଶ୍ୱର
ମୋବାଇଲ୍ - ୭୯୭୮୪୨୦୪୯୩

# ବିଜୁବାବୁ'ଙ୍କ ଅଧୁରା ସ୍ୱପ୍ନକୁ ଆମେ ନିଶ୍ଚିତ ପୂରଣ କରିବୁ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ଭିଓଭି): ବିଜୁବାବୁ ଥିଲେ ଓଡିଶାର ପଥ ପ୍ରଦର୍ଶକ । ବିଜୁ ବାବୁଙ୍କ ପ୍ରତ୍ୟେକଟି ପଦକ୍ଷେପ ଆମକୁ ପ୍ରେରଣା ଦେଉଛି। ଓଡିଶା ପାଇଁ ସେ ଅନେକ ସ୍ୱପ୍ନ ଦେଖିଥିଲେ ଏବଂ ତାକୁ ପୂରଣ କରିବା ପାଇଁ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଉଦ୍ୟମ କରିଥିଲେ । ଓଡିଶାର ଶିଳ୍ପାୟନ, ମହିଳାମାନଙ୍କ ସଶକ୍ତିକରଣ ଥିଲା ତାଙ୍କର ସ୍ୱପ୍ନ । ବିଜୁବାବୁଙ୍କ ସ୍ୱପ୍ନ ଓ ଆମ ସରକାରଙ୍କ କାର୍ଯ୍ୟକ୍ରମ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ବିଜୁ ବାବୁ ସମୃଦ୍ଧ ଓଡିଶା ଗଠନ ପାଇଁ ଚିନ୍ତା କରିଥିଲେ । ଆଜି ଆମ ସରକାର ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ପାଇଁ ଉଦ୍ୟମ ଆରମ୍ଭ କରିଛି । ବିଜୁ ବାବୁ ଓଡିଶା ପାଇଁ ଯେଉଁସବୁ ସ୍ୱପ୍ନ ଦେଖିଥିଲେ, ତାକୁ ଆମ ସରକାର ପୂରଣ କରିବ । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ସ୍ଥାନୀୟ ଜୟଦେବ ଭବନ ଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଯୋଗଦେଇ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଜୁ ବାବୁ ଶିଳ୍ପ କ୍ଷେତ୍ରକୁ ବହୁତ ପ୍ରାଧାନ୍ୟ ଦେଉଥିଲେ । ସେ ନିଜେ ଅନେକ କାରଖାନା ପ୍ରତିଷ୍ଠା କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସବୁ ଗୁଡିକୁ ସରକାରଙ୍କୁ ଦେଇ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବୋଧହୁଏ ଏଭଳି ନିଷ୍ପତ୍ତି ନେବାରେ,




ସେ ଥିଲେ ବିଶ୍ୱର ଏକମାତ୍ର ବ୍ୟକ୍ତିତ୍ୱ। ଓଡିଶାକୁ ଶିଳ୍ପ କ୍ଷେତ୍ରରେ, ପଞ୍ଚାୟତିରାଜ କ୍ଷେତ୍ରରେ, ମହିଳା ସଶକ୍ତିକରଣ କ୍ଷେତ୍ରରେ ତାଙ୍କର ଚିନ୍ତାଧାରା ଥିଲା ଅନନ୍ୟ। ଆଜି ଆମ ସରକାର ବିଜୁ ବାବୁଙ୍କ ସେହି ପଥକୁ ଅନୁସରଣ କରୁଛି । ତାଙ୍କ ମାର୍ଗରେ ପରିଚାଳିତ ହୋଇ ଏକ କୋଟିରୁ ଅଧିକ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରି ବିଜୁ ବାବୁଙ୍କ ମହିଳା ସଶକ୍ତିକରଣର ସ୍ୱପ୍ନକୁ ସାକାର କରିବାକୁ ଯାଉଛୁ । ଗାଁର ବିକାଶରେ ରାଜ୍ୟର ବିକାଶ – ଏହା ଥିଲା ବିଜୁ ବାବୁଙ୍କ ମତ। ସେଥିପାଇଁ ସେ ନାରା ଦେଇଥିଲେ, ଗାଁ କୁ କାମ, ମା କୁ ସମ୍ମାନ। ଯଦି ବିଜୁ ବାବୁଙ୍କ ଏହି ଉକ୍ତି ଉପରେ ସଠିକ୍ କାମ ହୋଇଥାନ୍ତା, ତେବେ ଆମେ ନିଶ୍ଚିତ ଭାବେ ବହୁ ଆଗକୁ ଯାଇପାରିଥାନ୍ତେ ଏବଂ ଗାଁର ଅର୍ଥନୀତି ସୁଦୃଢ ହୋଇପାରିଥାନ୍ତା ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ଯେଉଁମାନେ ବିଜୁ ବାବୁଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବା ପାଇଁ ପ୍ରଚାର କରୁଥିଲେ, ସେମାନେ ଏହାକୁ ବାସ୍ତବରେ କାର୍ଯ୍ୟକାରୀ କଲେ ନାହିଁ । ଆଜି ଆମେ ଗାଁର ବିକାଶ ପାଇଁ ଯାହା ଆବଶ୍ୟକ, ତାକୁ ସବୁ କରୁଛୁ ଏବଂ ଆଗାମୀ ଦିନରେ ମଧ୍ୟ କରିବୁ । ଏଥିପାଇଁ ବିକଶିତ ଗାଁ, ବିକଶିତ ଓଡିଶା ଯୋଜନା କାର୍ଯ୍ୟକାରୀ କରାଯାଇ ୫ ବର୍ଷରେ ୧୦ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହି ଯୋଜନା ଜରିଆରେ ବିଜୁ ବାବୁଙ୍କ ଗାଁର ବିକାଶ ସ୍ୱପ୍ନ ପୂରଣ ହୋଇପାରିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମେ ଉତ୍କର୍ଷ ଓଡ଼ିଶା-ମେକ ଇନ ଓଡ଼ିଶା କନକ୍ଲେଭରେ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ପାଇଛୁ । ଆଗାମୀ ଦିନରେ ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବାକୁ ଆମର ଉଦ୍ୟମକୁ ଆହୁରି ଯୋରଦାର କରାଯାଇ ପ୍ରତ୍ୟେକ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା କରାଯିବ। ପଞ୍ଚାୟତିରାଜ ବ୍ୟବସ୍ଥାରେ ବିଜୁ ବାବୁଙ୍କ ଦୃଢ ବିଶ୍ୱାସ ଥିଲା ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଜୁ ବାବୁ ପଞ୍ଚାୟତ ପ୍ରତିନିଧି ବା ସରପଞ୍ଚ ମାନଙ୍କୁ ପଞ୍ଚାୟତର ମୁଖ୍ୟମନ୍ତ୍ରୀ ଦୃଷ୍ଟିରେ ଦେଖୁଥିଲେ। ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀ ଭଙ୍ଗା ଘଟଣା ଉପରେ ପ୍ରତିକ୍ରିୟା ରଖି ମୁଖ୍ୟମନ୍ତ୍ରୀ କହିଲେ ଯେ ଏ ଘଟଣା ଉପରେ ସରକାର ପଦକ୍ଷେପ ନେଇ ୩ ଜଣଙ୍କୁ ଗିରଫ କରାଯାଇଛି । ବିଜୁ ବାବୁଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'କଳିଙ୍ଗ ଫୁଟବଲ କପ୍' ପୁନର୍ବାର ଆରମ୍ଭ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିବା ସହିତ ବିଜୁ ବାବୁଙ୍କ ଦ୍ୱାରା ପ୍ରତିଷ୍ଠିତ ୟୁନେସ୍କୋ କଳିଙ୍ଗ ପୁରସ୍କାର ପ୍ରଦାନ ଜାରି ରହିବ ବୋଲି କହିଥିଲେ । ଏହି ଅବସରରେ ବିଜୁ ବାବୁଙ୍କ ଜୀବନୀ ସଂପର୍କିତ ଏକ ଫଟୋଚିତ୍ର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଦ୍ ?ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ଯୋଗ ଦେଇ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଓ ଶକ୍ତି ମନ୍ତ୍ରୀ ଶ୍ରୀ କନକବର୍ଦ୍ଧନ ସିଂହ ଦେଓ ବିଜୁ ବାବୁଙ୍କ ସହିତ ତାଙ୍କର ବ୍ୟକ୍ତିଗତ ରାଜନୈତିକ ଅନୁଭବକୁ ବର୍ଣ୍ଣନା କରି କହିଥିଲେ ଯେ ବିଜୁ ବାବୁ ସବୁବେଳେ ତୃଣମୂଳ ସ୍ତରର ଲୋକଙ୍କ ସେବା କରିବା ଉପରେ ଗୁରୁତ୍ୱ ଆରୋପ କରୁଥିଲେ । ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ଓ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଲେ ଯେ ବିଜୁ ପଟ୍ଟନାୟକ ଏକ ନାଁ ନୁହେଁ, କିମ୍ବା ଗୋଟିଏ ଅନୁଷ୍ଠାନ ନୁହେଁ, ସେ ଥିଲେ ଅନେକ ଅନୁଷ୍ଠାନର ସମାହାର। ତାଙ୍କ ନୀତି ଓ ଆଦର୍ଶକୁ ଆମେ ସମସ୍ତେ ଅନୁସରଣ କରିବା ଆବଶ୍ୟକ । ବିଜୁ ବାବୁଙ୍କ ସ୍ମୃତିଚାରଣ କରି କାର୍ଯ୍ୟକ୍ରମର ମୁଖ୍ୟବକ୍ତା ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ଘଡ଼େଇ କହିଲେ ଯେ ପ୍ରତିକୂଳ ପରିସ୍ଥିତିରେ ଜୀବନର ଅନେକ ଆହ୍ୱାନର ସମ୍ମୁଖୀନ ହୋଇ ବିଜୁ ବାବୁ ନିଜ ପାଇଁ ଓ ରାଜ୍ୟ ପାଇଁ ଅନେକ ଗୌରବ ଆଣିଥିଲେ। ଓଡିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ବିଜୁ ବାବୁ ଯେଉଁ ଉଦ୍ୟମ କରିଥିଲେ, ତାର ତୁଳନା ନାହିଁ । ଆଜିର ନୂଆ ସରକାର ମଧ୍ୟ ଓଡିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ନିଷ୍ଠାର ସହିତ କାମ କରୁଛି । ଓଡିଶାର ବିକାଶ ପାଇଁ ବିଜୁ ବାବୁ ଯେଉଁ ମୂଳଦୁଆ ପକାଇଥିଲେ, ଆଜିର ସରକାର ସେସବୁକୁ ଆଗେଇ ନେବା ପାଇଁ ଉଦ୍ୟମ କରି ଠିକ୍? ରାସ୍ତାରେ ଅଗ୍ରଗତି କରୁଛି ବୋଲି ଶ୍ରୀ ଘଡାଇ କହିଥିଲେ । ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ବିଜୁ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରି ଓଡିଶାରେ ମହିଳା ମାନଙ୍କୁ ରାଜନୀତିକୁ ଆଣିବାରେ ବିଜୁ ବାବୁଙ୍କର ଶ୍ରେଷ୍ଠ ଅବଦାନ ରହିଛି ବୋଲି ସେ କହିଥିଲେ। ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୟ ସିଂହ ସ୍ୱାଗତ ଭାଷଣ ଦେଇଥିଲେ ।

# ସୁଭଦ୍ରା ଯୋଜନା ହିତାଧିକାରୀଙ୍କୁ ଘରଘର ବୁଲି ଚିହ୍ନଟ କରିବାକୁ ଉପ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, (ଭିଓଭି): ସୁଭଦ୍ରା ଯୋଜନାରୁ ବାଦ୍ ପଡ଼ିଥିବା ହିତାଧିକାରୀମାନଙ୍କୁ ଚିହ୍ନଟ କରିବା ପାଇଁ ସରକାରୀ ଅଧିକାରୀ ଘର ଘର ବୁଲି ସର୍ଭେ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ଓଡ଼ିଶା ସରକାର ସୁଭଦ୍ରା ଯୋଜନାର ଲାଭ ପାଇଁ ଆବେଦନ କରିବାର ଶେଷ ତାରିଖ ମାର୍ଚ୍ଚ ୩୧ ତାରିଖ ଘୋଷଣା କରିଥିଲେ। କିନ୍ତୁ କେତେକ ହିତାଧିକାରୀ ଆବେଦନ କରିବାରେ ସମସ୍ୟାରେ ପଡ଼ିଥିବା ଖବର ଦୃଷ୍ଟିକୁ ଆସିଛି। ଏବେ ସରକାରୀ ଅଧିକାରୀମାନେ ଘରକୁ ଘର ବୁଲି ପ୍ରତ୍ୟେକ ଘରକୁ ସର୍ଭେ କରି ବାଦ୍ ପଡ଼ିଥିବା ସୁଭଦ୍ରା ହିତାଧିକାରୀଙ୍କୁ ଚିହ୍ନଟ କରି



ସେମାନଙ୍କୁ ସାମିଲ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। କ୍ଷେତ୍ର ଯାଞ୍ଚ ପରେ, ଅବଶିଷ୍ଟ ମହିଳା ହିତାଧିକାରୀମାନେ ରକ୍ଷା ବନ୍ଧନରେ ଏକାଥରକେ ତିନୋଟି କିସ୍ତି ପାଇବେ। ମାର୍ଚ୍ଚ ୮ ତାରିଖ ଅନ୍ତର୍ଜାତୀୟ ମହିଳା ଦିବସରେ, ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ କିସ୍ତି ଟଙ୍କା ବଣ୍ଟନ କରାଯିବ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୁଭଦ୍ରା ଯୋଜନା ମ୍ୟାଜିକ୍ ସଂଖ୍ୟା ୧ କୋଟି ଟଙ୍କା ଅତିକ୍ରମ କରିଛି ବୋଲି ସୂଚନା ଦେଇଛନ୍ତି।ସେ ଗଣମାଧ୍ୟମକୁ କହିଛନ୍ତି ଯେ, ଓଡ଼ିଶା ସରକାରଙ୍କ ଏହି ପ୍ରମୁଖ ଯୋଜନା ଯାହା ମାତ୍ର ୮ ମାସ ପୂର୍ବେ ଆରମ୍ଭ ହୋଇଥିଲା, ଏହା ୧ କୋଟିରୁ ଅଧିକ ମହିଳାଙ୍କୁ ଉପକୃତ କରିଛି। ଆମେ ପୂର୍ବରୁ ୯୮ ଲକ୍ଷ ଟଙ୍କା ବଣ୍ଟନ କରିସାରିଛୁ ଏବଂ ପ୍ରଥମ ପର୍ଯ୍ୟାୟର ପଞ୍ଚମ କିସ୍ତି ମାର୍ଚ୍ଚ ୬ତାରିଖରେ ପ୍ରଦାନ କରାଯିବ।

# ପୁରୀ, ରାଉରକେଲା ଓ ସମ୍ବଲପୁରରେ ପୌର ନିର୍ବାଚନ ହେବ : ନଗର ଉନ୍ନୟନ ମନ୍ତ୍ରୀ

ଭୁବନେଶ୍ୱର(ଭିଓଭି): ରାଜ୍ୟର ୩ ପ୍ରମୁଖ ସହରରେ ପୌର ନିର୍ବାଚନ ବନ୍ଦ ରହିଛି । ସମ୍ବଲପୁର ଆଉ ରାଉରକେଲାରେ ପୌର ନିର୍ବାଚନ ଗତ ୧୧ ବର୍ଷ ହେଲା ବନ୍ଦ ରହିଛି। ସେହିପରି, ପୁରୀରେ ଗତ ୬ ବର୍ଷ ହେଲା ପୌର ନିର୍ବାଚନ ବନ୍ଦ ରହିଛି । ତେବେ ଏନେଇ ହାଇକୋର୍ଟଙ୍କ ଶୁଣାଣି ପରେ, ପୁଣିଥରେ ଏହି ୩ ସହରରେ ପୌର ନିର୍ବାଚନ ଆରମ୍ଭ ହେବ। ଏସମ୍ପର୍କରେ



ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି, ସମ୍ବଲପୁର, ରାଉରକେଲା ଏବଂ ପୁରୀରେ ପୌର ନିର୍ବାଚନ ଦୀର୍ଘ ବର୍ଷ ହେଲା ବନ୍ଦ ରହିଛି । ବିଜେଡି ସରକାରଙ୍କ ଅମଳରେ ପୌର ନିର୍ବାଚନ ବର୍ଷ ବର୍ଷ ଧରି ବନ୍ଦ ରହିଥିଲା । ଏହି ୩ ସହରରେ ପୁଣିଥରେ ନିର୍ବାଚନ କରିବାକୁ ସରକାର ଯୋଜନା କରୁଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ସରିଛି ବୋଲି ମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି। ତେବେ ହାଇକୋର୍ଟରେ ଏହି ମାମଲା ବିଚାରାଧିନ ରହିଛି । ସରକାରଙ୍କ ଓକିଲ ମଧ୍ୟ ଲଢୁଛନ୍ତି । ବିଚାରପତିଙ୍କ ରାୟ ଆସିବା ପରେ ସରକାର ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିବେ ବୋଲି ମନ୍ତ୍ରୀ କହିଛନ୍ତି ।

# ସ୍କୁଲ୍'ର ରଙ୍ଗ ନୁହେଁ କେବଳ ବିଜେଡିର ରଙ୍ଗ ହଟାଯିବ : ମନ୍ତ୍ରୀ

ଭୁବନେଶ୍ୱର, (ଭିଓଭି): ଓଡ଼ିଶା ସ୍କୁଲ ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସ୍କୁଲ କୋଠା ରଙ୍ଗ ଯୋଜନାରେ ସାମ୍ପ୍ରତିକ ପରିବର୍ତ୍ତନ ସମ୍ପର୍କରେ ନିଜର ମତାମତ ପ୍ରକାଶ କରି ଗୁରୁବାର ଦିନ ଏକ ରାଜନୈତିକ ବିବାଦ ସୃଷ୍ଟି କରିଛନ୍ତି। ମନ୍ତ୍ରୀ ଗଣ୍ଡ କହିଛନ୍ତି ଯେ, ସ୍କୁଲର ରଙ୍ଗ ପରିବର୍ତ୍ତନ କରାଯିବ ନାହିଁ। କିନ୍ତୁ ବିଜୁ ଜନତା ଦଳ (ବିଜେଡି)ର ରଙ୍ଗ ହଟାଇ ଦିଆଯିବ। ମନ୍ତ୍ରୀ କହିଥିଲେ ଯେ, ପୂର୍ବ ପ୍ରଶାସନ ବିଜେଡିର ରାଜନୈତିକ ପରିଚୟକୁ ପ୍ରତିଫଳିତ କରୁଥିବା ଏକ ରଙ୍ଗ ଯୋଜନା କାର୍ଯ୍ୟକାରୀ କରିଥିଲା, ଯାହାକୁ ବର୍ତ୍ତମାନ ସଜାଡ଼ି ଦିଆଯିବ। ପୂର୍ବରୁ ଥିବା ରଙ୍ଗଗୁଡ଼ିକ ହଟାଇ ଦିଆଯିବ ବୋଲି ମନ୍ତ୍ରୀ ଗଣ୍ଡ ଦୃଢ଼ ଭାବରେ କହିଛନ୍ତି। ମନ୍ତ୍ରୀ ପୂର୍ବ ବିଜେଡି ସରକାରକୁ ଦଳୀୟ ରଙ୍ଗ ଯୋଜନା ସହିତ ମେଳ ଖାଉଥିବା ରଙ୍ଗ କରାଯିବାକୁ ପାଇଁ ଯୋଜନା ପରିବର୍ତ୍ତନକୁ ନେଇ ପୂର୍ବ ସରକାରଙ୍କୁ ଅହଂକାରୀ ବୋଲି ଆଖ୍ୟା ଦେଇଥିଲେ। ସେ କହିଥିଲେ ଯେ, ଏହି ସମସ୍ତକୁ ପରିବର୍ତ୍ତନ କରାଯାଇ ବର୍ତ୍ତମାନ ସଂଶୋଧନ କରାଯିବ। ମନ୍ତ୍ରୀଙ୍କ ମନ୍ତବ୍ୟ ଉପରେ ବିଜେଡି ଏପର୍ଯ୍ୟନ୍ତ କୌଣସି ବିବୃତି କିମ୍ବା ପ୍ରତିକ୍ରିୟା ପ୍ରକାଶ କରିନାହିଁ। ଗୋଟିଏ ଦିନ ପୂର୍ବରୁ, ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓଇଏସପିଏ) ରାଜ୍ୟର ସମସ୍ତ ସରକାରୀ ସ୍କୁଲକୁ ଗେରୁଆ ରଙ୍ଗ ରଙ୍ଗ କରିବାକୁ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ।



ନୂତନ ରଙ୍ଗ ପରିବର୍ତ୍ତନ ନିର୍ମାଣ, ମରାମତି ଏବଂ ନବୀକରଣ କାର୍ଯ୍ୟ ସମୟରେ ପ୍ରଧାନମନ୍ତ୍ରୀ ଶ୍ରୀ ବିଦ୍ୟାଳୟ ପଦକ୍ଷେପ ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

### ବାଚସ୍ପତିଙ୍କ ନିର୍ବାଚନ......

ଓ ବ୍ଲକ ଉପାଧ୍ୟକ୍ଷ ପ୍ରଭାତ ଦଳବେହେରାଙ୍କ ସହ ସୁସମ୍ପର୍କ ସ୍ଥାପନ କରିଛନ୍ତି। ସେପଟେ ଉଭୟ ଦଳର କର୍ମୀ ମଧ୍ୟ ଦୋଛକିରେ। ବିଜେପି ଦଳ ଭିତରେ ସୁରମାଙ୍କ ମନମାନି ପାଇଁ ବିଜେଡି ଦଳର କିଛି ତଳ ସ୍ତରର ନେତା ଓ ଠିକାଦାରମାନେ ଏହାର ଫାଇଦା ନେଉଥିବା ବେଳେ ଦଳର ଶୀର୍ଷ ନେତୃତ୍ୱ ଏହାର ପ୍ରକୃତ ଲାଭ ଉଠାଇ ପାରୁନାହାନ୍ତି। ବିଜେଡି ଏଠାରେ ହାରିବା ପରେ ବିଧାୟକ ପ୍ରାର୍ଥୀ ସତ୍ୟ ନାରାୟଣ ପ୍ରଧାନ ଏକରକମ୍ ନିଷ୍କ୍ରିୟ ହୋଇ ଯାଇଛନ୍ତି। ସେ କେବଳ ବଛାବଛା ଘରୋଇ ଓ ସମୂହ ଉତ୍ସବ ମାନଙ୍କରେ ଉପସ୍ଥିତ ହେଉଥିବା ଦେଖିବାକୁ ମିଳୁଛି। ଦଳ ସେହିଭଳି ସଂଗଠନ ମଜଭୁତ ପାଇଁ ଦଳୀୟ କାର୍ଯ୍ୟକ୍ରମ କରି କର୍ମୀ ମାନଙ୍କୁ ଏକଜୁଟ ହୋଇ ରହିବା ଯୋଜନା କରି ପାରୁନାହିଁ। ସେପଟେ ପ୍ରାୟ ସବୁ ଗାଆଁରେ ବିଜେପି ଦଳର ରାଜନୀତିରେ ଅନଭିଜ୍ଞ ନେତା ସବୁ କାମ ପାଇଁ ଚାନ୍ଦା ଆଦାୟରେ ମାତିଛନ୍ତି। ବିଧାୟକଙ୍କ ନିକଟରୁ ଚିଠିଟିଏ କୌଣସି ବିଭାଗକୁ କରିଦେବା ନିମନ୍ତେ, ଟଙ୍କା ଦଲାଲ୍'ଙ୍କ ମାଧ୍ୟମରେ ଦେବାକୁ ପଡୁଛି। ଏଭଳି ସାଙ୍ଘାତିକ ଅଭିଯୋଗ ସବୁ ଦଳକୁ ବହୁତ ବଦନାମ୍ କରୁଛି। ଏଭଳି ସ୍ଥିତି ଲାଗି ରହିଲେ ବିଜେପି ଦଳ ଆଗାମୀ ପଞ୍ଚାୟତ ନିର୍ବାଚନରେ ଚିତପଟାଙ୍ଗ୍ ମାରିବ ଏହା ନିଃସନ୍ଦେହ। ବେଛପୁରୀ ଶାସନ ସରକାରୀ ଦଳ ପାଇଁ ଘାତକ ସାବ୍ୟସ୍ତ ହେବ ବୋଲି ବୁଦ୍ଧଜୀବୀଙ୍କ ମତ।

# ସଂ ପା ଦ କୀ ୟ

## ଫୈଜାନ୍ ପାଇଁ ଗର୍ବିତ

ଫୟାଜ୍ ହୁସେନ୍'ଙ୍କ ସହ ମୋର ୧୫ବର୍ଷର ବନ୍ଧୁତା। ଧର୍ମ ତାଙ୍କର ମୁସଲିମ ହେଲେ ମଧ୍ୟ ହିନ୍ଦୁ-ମୁସଲିମ ଭିତରେ କେତେବେଳେ ବି ଭିନ୍ନ ବିଚାରଧାରା ତାଙ୍କ ଭିତରେ ମୁଁ ଆଜି ପର୍ଯ୍ୟନ୍ତ ଦେଖିନାହିଁ। ପୂର୍ବରୁ ବୀମା କମ୍ପାନୀର ଗୋଟିଏ କାର୍ଯ୍ୟାଳୟରେ କାମ କରୁଥିବା ବେଳେ କୌଣସି ଗଠନ ମୂଳକ କାମରେ ସହଯୋଗ କରିବାପାଇଁ ସେ ସର୍ବଦା ଆଗଭର ହୋଇଥାନ୍ତି। ନିଜେ ପ୍ରତ୍ୟକ୍ଷ ଭାବେ ନିଶ୍ଚିତ ଜଡ଼ିତ ହୋଇ ସହଯୋଗର ହାତ ବଢ଼ାଇ ଥାଆନ୍ତି। ପୁରୁଣା କଥାଟିଏ ମନେପଡୁଛି; ଆମ ସଂସ୍ଥାରେ କାମ କରୁଥିବା ଜଣେ ବୀମା ପରାମର୍ଶଦାତା ପଣ୍ଡା ବାବୁ ହଠାତ୍ କ୍ୟାନ୍ସର ଭଳି ଦୁଃସାଧ୍ୟ ରୋଗରେ ଆକ୍ରାନ୍ତ ହେଲେ ଓ ତାଙ୍କର ବ୍ୟୟ ବହୁଳ ଚିକିତ୍ସା ଚାଲିଲା। ଆମେ ଯେଉଁମାନେ ମାର୍କେଟିଙ୍ଗ ବା ସେଲ୍ସ ବିଭାଗରେ କାମ କରୁଥିଲୁ, ସମସ୍ତେ ତାଙ୍କ ପରିବାରକୁ ଆର୍ଥିକ ସହଯୋଗ କରିବା ନିମନ୍ତେ ଚାନ୍ଦା କରି କିଛି ଅର୍ଥ ଯୋଗାଡ଼ ଯୋଜନା କଲୁ। ସେତେବେଳେ ଫୟାଜ୍ ହୁସେନ୍ ଟ୍ରେନିଂ ବିଭାଗରେ କାମ କରୁଥିଲେ। ଟ୍ରେନିଙ୍ଗ ବିଭାଗ କର୍ମଚାରୀ କାହିଁକି ସେଲ୍ସ ବିଭାଗର ଜଣେ ଏଜେଣ୍ଟର ଚିକିତ୍ସା ପାଇଁ ପଇସା ସାହାଯ୍ୟ କରିବେ ବୋଲି ନକାରାତ୍ମକ ଭାବନା ରଖି ଆମେ ତାଙ୍କୁ କିଛି ଏ ସମ୍ବନ୍ଧରେ କହିଲୁ ନାହିଁ। ଆଉ କେତେଜଣ ବି କହିଲେ, ସେ ମୁସଲିମ୍ ଲୋକ କାହିଁକି ହିନ୍ଦୁ ଲୋକର ଚିକିତ୍ସା ପାଇଁ ସାହାଯ୍ୟ କରିବ। ଆମେ ଦଳ ଦଳ ହୋଇ ପଇସା ସଂଗ୍ରହ ଆଲୋଚନା ଚାଲିଥିବା ବେଳେ ହଠାତ୍ ଆସି ସେ ପହଞ୍ଚି ଯାଇଥିଲେ। କଣ ଆଲୋଚନା ଚାଲିଛି ଜାଣିବାକୁ ଚାହିଁବାରୁ ବନ୍ଧୁ ଶକ୍ତିମାନ ତାଙ୍କୁ ସମସ୍ତ କଥା କହିଥିଲେ। ଶୁଣିବା ପରେ ସଙ୍ଗେ ସଙ୍ଗେ ବନ୍ଧୁ ଫୟାଜ୍ ମୋତେ କାହିଁକି ଆପଣମାନଙ୍କ ଲିଷ୍ଟ'ରେ ରଖିନାହାନ୍ତି ବୋଲି ଅଭିମାନ କରି ସମସ୍ତଙ୍କ ଠାରୁ ଅଧିକ ଅର୍ଥରାଶି ସାହାଯ୍ୟ କରିଥିଲେ। ସେହିଦିନ ଠାରୁ ତାଙ୍କର ବଡ ଓ ଖୋଲା ହୃଦୟର ଝଲକ୍ ମୁଁ ପରଖି ପାରିଥିଲି। ତା' ପରଠୁ କୌଣସି ବି ସେଲ୍ସ ଏଜେଣ୍ଟ ହୁଅନ୍ତୁ କି ଅନ୍ୟ କର୍ମଚାରୀ; ହିନ୍ଦୁ ମନ୍ଦିର ପ୍ରତିଷ୍ଠା, ଅଷ୍ଟପ୍ରହରୀ, ଯଜ୍ଞ ଇତ୍ୟାଦି କାର୍ଯ୍ୟ ନିମନ୍ତେ ଆର୍ଥିକ ସହଯୋଗ ଚାହିଁଲେ ସବୁଥିରେ ସେ ସହଯୋଗ କରନ୍ତି।ବର୍ତ୍ତମାନ ସେ ଓଡ଼ିଶା ବାହାରେ କାର୍ଯ୍ୟ କରୁଛନ୍ତି। କୈଣସି କାର୍ଯ୍ୟ ପାଇଁ ବେଳେ ଗତ ରବିବାର ଦିନ ଭୁବନେଶ୍ୱର ଆସିଥିଲେ। ପୁରୁଣା ବନ୍ଧୁତା ହେତୁ ଭୁବନେଶ୍ୱର ଆସିଲେ ଖୋଜାଲୋଡା ହୁଏ। ସୁତରାଂ ସେ ମୋତେ ଫୋନ୍ କରି କହିଲେ ଭାଇ ଆଜି ମୁଁ ମୋ ୯ବର୍ଷର ସାନ ପୁଅ ଫୈଜାନ୍ ପାଇଁ ବହୁତ୍ ଗର୍ବିତ ଅନୁଭବ କରୁଛି। ଏକଥାକୁ ସେ ଏକଦମ୍ ଖୁସିରେ ଗଦଗଦ ହୋଇ ପ୍ରକାଶ କରିଥିଲେ। ଘଟଣାକ୍ରମ ବିଷୟରେ ଜାଣିବା ପାଇଁ ମୁଁ ଇଚ୍ଛାପ୍ରକାଶ କରିବାରୁ ସେ କହିଥିଲେ ତାଙ୍କ ସାନ ପୁଅ ଫୈଜାନ୍ ଆଜି ସ୍କୁଲ୍'ରୁ ଫେରି କହିଥିଲା ପାପା ମୋତେ ଆଜି ମିସ୍ ଚକୋଲେଟ୍ ପ୍ରାଇଜ୍ ଦେଲେ। କାରଣ ତାଙ୍କ ପ୍ରଶ୍ନର ଉତ୍ତର କ୍ଲାସ୍'ରେ କେହିବି ଦେଇ ପାରିନଥିବା ବେଳେ ଏକମାତ୍ର ମୁଁ ହିଁ ଉତ୍ତର ଦେଇଥିଲି। ପ୍ରଶ୍ନ ଥିଲା ଗୁଳିବିଦ୍ଧ ହୋଇ ଟଳି ପଡ଼ିବା ବେଳେ ମହାତ୍ମା ଗାନ୍ଧୀଙ୍କ ଶେଷ ଶବ୍ଦ କଣ ଥିଲା ? କ୍ଲାସ୍'ରେ ଜଣେ କେହି ଉତ୍ତର କହି ପାରିନଥିବା ବେଳେ ମୁଁ 'ହେ ରାମ୍' ବୋଲି ଉତ୍ତର ଦେଇ ଥିବାରୁ ମିସ୍ ମୋତେ ଖୁସିରେ ଚକୋଲେଟ୍ ଦେଇଥିଲେ। ରାମ କିଏ ଆଉ ତାର ଅର୍ଥ କଣ ବୋଲି ଉତ୍ତରରେ ପୁଅ ମୋତେ କହିଥିଲା ସେ ହେଉଛନ୍ତି ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ। ଏବେ କିଛିଦିନ ତଳେ ଅଯୋଧ୍ୟାରେ ତାଙ୍କର ମନ୍ଦିର ପ୍ରତିଷ୍ଠା ହେଲା ପରା, କଣ ତୁମେ ଏକଥା ଜାଣିନ ବୋଲି ମୋତେ ଓଲଟା ପ୍ରଶ୍ନ କରିଥିଲା।

ମୋ ପୁଅର ପ୍ରଭୁ ଶ୍ରୀରାମଙ୍କ ସମ୍ବନ୍ଧରେ ଏହି ଜ୍ଞାନ ନିମନ୍ତେ ବାପ ହିସାବରେ ମୁଁ ଆଜି ବହୁତ ଗର୍ବିତ ଅନୁଭବ କରୁଛି। ଏକଥା ଫୋନ୍'ରେ ବନ୍ଧୁ ଫୟାଜ୍ ହୁସେନ୍ ଖୁସିରେ ଗଦଗଦ ହୋଇ ପ୍ରକାଶ କରିବା ସମୟର ଅନନ୍ୟ ଅନୁଭୁତି ମତେ ଚମତ୍କୃତ କଲା। ବର୍ତ୍ତମାନ ସମୟରେ ଧର୍ମ ଓ ଜାତିକୁ ନେଇ ହିଂସା ଓ ଦ୍ୱେଷ ଭାବ ରହିଛି। ହିନ୍ଦୁ ଓ ମୁସଲିମ ସମ୍ପ୍ରଦାୟ ମଧ୍ୟରେ ବିଭନ୍ନ କାରଣରୁ ମତ ପାର୍ଥକ୍ୟ ସ୍ଥିତି ରହିଛି। ଏପରି ସମୟରେ ଜଣେ ଛୋଟ ପିଲା ଫୈଜାନ୍'ର ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ବିଷୟରେ ଜ୍ଞାନ ଓ ଆଗ୍ରହ ଅନ୍ୟମାନଙ୍କ ପାଇଁ ଶିକ୍ଷଣୀୟ ଓ ଅନୁକରଣୀୟ ହେବା ଉଚିତ।

ଜ୍ଞାନ ରଞ୍ଜନ ମିଶ୍ର

ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।

ମୋବାଇଲ (ହ୍ୱାଟସ୍ଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ଭାରତର ରାଷ୍ଟ୍ରୀୟ ଆନ୍ଦୋଳନ



ସର୍ବେଶ୍ୱର ବେହେରା

ଇଂରେଜ ଐତିହାସିକମାନେ ଭାରତର ସୁଦୀର୍ଘ ରାଷ୍ଟ୍ରୀୟ ଆନ୍ଦୋଳନକୁ ଘୋର ଉପେକ୍ଷା ଓ ଉପହାସ କରିଛନ୍ତି । ପ୍ରତ୍ୟକ୍ଷ ବ୍ରିଟିଶ ଶାସନ ପ୍ରତିଷ୍ଠା ହେବା ପରେ ବ୍ରିଟିଶ ସାମ୍ରାଜ୍ୟବାଦୀ ଇତିହାସକାରମାନେ ବହୁ ନୂତନ ମିଥ୍ୟା ଘଟଣା, ଭାରତୀୟ ଇତିହାସକୁ ବିକୃତି କରିବା ଆରମ୍ଭ କରିଦେଇଥିଲେ । ନିଜର ଆଧିପତ୍ୟ ଏଠାରେ ଦୀର୍ଘଦିନ ପର୍ଯ୍ୟନ୍ତ ବିସ୍ତାର କରିବା ପାଇଁ ସେମାନେ ଭାରତର ଇତିହାସକୁ ସୁନିୟୋଜିତ ପଦ୍ଧତିରେ ବ୍ୟାଖ୍ୟା କରିଥିଲେ । ସେମାନେ ଭାରତୀୟ ସମାଜ ଓ ରାଷ୍ଟ୍ରୀୟ ଚେତନା ଆଦିର ବିଚାରକୁ କେବଳ ରାଜନୈତିକ ଉପଯୋଗ ମଧ୍ୟରେ ସୀମିତ ରଖୁଥିଲେ । ସେମାନେ ଭାରତର ରାଷ୍ଟ୍ରୀୟ ଚେତନା ଓ ରାଷ୍ଟ୍ରୀୟ ଆନ୍ଦୋଳନକୁ ଘୋର ଅବମାନନା କରିଥିଲେ। ଉଦାହରଣତଃ ସାର୍ ଜନ ଚୈଷ୍ଟେ ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସ ଉପରେ ଦୁଇ ପୃଷ୍ଠା ରଚନା କରିଥିଲେ । ସେ ରାଷ୍ଟ୍ରୀୟ କଂଗ୍ରେସ ଆନ୍ଦୋଳନକୁ 'ଚାଟୁକାରିତା' ଓ 'ପାଗଳାମି' ବୋଲି କହିଥିଲେ କାରଣ ସେମାନଙ୍କ କାର୍ଯ୍ୟକ୍ରମ ସବୁ ଖରାପ ଥିଲା । ସେ କଂଗ୍ରେସର ପ୍ରାରମ୍ଭିକ ଅଧ୍ୟକ୍ଷମାନଙ୍କୁ ମୂର୍ଖ ରାଜନୀତିଜ୍ଞ କହିଥିଲା । ସେହିପରି ସାର ଜନ ଷ୍ଟ୍ରେଚୀ, ଯେ ଭାରତ ସରକାରଙ୍କ ଅର୍ଥ ସଚିବ ଥିଲା, ସେ ଭାରତକୁ ଏକ ଭୌଗୋଳିକ ବିନ୍ଦୁ ମାତ୍ର' ରୂପେ ସ୍ୱୀକାର କରିଥିଲା ।

ପରିବର୍ତ୍ତିତ ପରିସ୍ଥିତିରେ ଏହି ଲେଖକମାନେ ଭାରତ ସମ୍ବନ୍ଧରେ ରାଷ୍ଟ୍ରର ପରିକଳ୍ପନାକୁ ପରିବର୍ତ୍ତନ କରିଥିଲେ । ଭାରତୀୟମାନଙ୍କ ମଧ୍ୟରେ କୌଣସି ରାଷ୍ଟ୍ରୀୟତାର ଭାବନା ନଥିଲା କିମ୍ବା ରାଷ୍ଟ୍ରୀୟ ସ୍ୱାଭିମାନ ନଥିଲା ଆଦି ଉଲ୍ଲେଖ କରିଥିଲେ । ଭାଲେଣ୍ଟାଇନ୍ ରିସୋର୍ସ ନାମକ ଜଣେ ବିଦ୍ୱାନ ଯେ ଇଂଲଣ୍ଡଟାଇମସ୍ ପତ୍ରିକାର ପ୍ରତିନିଧି ଥିଲା, ସେ ଲୋକମାନ୍ୟ ତିଳକଙ୍କୁ ଭାରତୀୟ ଅସନ୍ତୋଷର ପିତା' ଓ କଂଗ୍ରେସକୁ ଏକ ହିନ୍ଦୁମାନଙ୍କର ସଂସ୍ଥା ବୋଲି ଉଲ୍ଲେଖ କରିଥିଲା। ସାର ହେରିଙ୍ଗଟନ ଲାବେଟ ୧୯୧୯ ମସିହାରେ ନିଜର ପ୍ରସିଦ୍ଧ ଗ୍ରନ୍ଥରେ ଭାରତୀୟ ରାଷ୍ଟ୍ରୀୟତାର ବିଚାରକୁ ପାଶ୍ଚାତ୍ୟ ଆମୋଦିତ କରିଥିଲା। ଏହି ସମସ୍ତ ବିଦ୍ୱାନମାନେ ଭାରତର ବିଭିନ୍ନ ପ୍ରଦେଶରେ ଯଥା ତତ୍କାଳୀନ ବେଙ୍ଗଲ, ପଞ୍ଜାବ ଓ ମହାରାଷ୍ଟ୍ରରେ ବର୍ଦ୍ଧିତ ରାଷ୍ଟ୍ରୀୟ ଆନ୍ଦୋଳନକୁ ଅଣଦେଖା କରିଥିଲେ । ବି.ଏ. ସ୍ମିଥ ତଥା ଏଚ. ଏଚ. ଜାଡ଼ୱେଲେ ଜାଣିଶୁଣି ଭାରତୀୟ ଚେତନାକୁ ମଧ୍ୟ ଅଣଦେଖା କରିଥିଲେ । ସ୍ମିଥ ୧୯୧୯ରେ ଭାରତ ସମ୍ବନ୍ଧରେ ବିସ୍ତୃତ ଇତିହାସ ରଚନା କରିଥିଲା, କିନ୍ତୁ ରାଷ୍ଟ୍ରୀୟ ଆନ୍ଦୋଳନ ସମ୍ବନ୍ଧରେ ଆଦୌ ଉଲ୍ଲେଖ କରିନଥିଲା । ଜାଡ଼ୱେଲେ ୧୯୧୯-୩୬ ମଧ୍ୟରେ ଅନେକ ପୁସ୍ତକ ରଚନା କରିଥିଲେ । ସେଥିରେ ଭାରତର କୌଣସି କ୍ରାନ୍ତିକାରୀଙ୍କ ନାମ ଉଲ୍ଲେଖ କରିନଥିଲା । ମହାତ୍ମା ଗାନ୍ଧୀଙ୍କ ସମ୍ବନ୍ଧରେ କେବଳ ତିନୋଟି ପାରା ଉଲ୍ଲେଖ କରିଥିଲା । ସେ ମହାତ୍ମା ଗାନ୍ଧୀଙ୍କ ନାମ ଜାଣିଶୁଣି ଭୁଲ କରି ଏମ.ଆର.ଗାନ୍ଧୀ ଲେଖୁଥିଲା ।

ସ୍ୱାଧୀନତା ପରେ ମୁଖ୍ୟତଃ କ୍ୟାମ୍ବ୍ରିଜ ବିଚାରଧାରାର ବ୍ରିଟିଶ ଇତିହାସକାରମାନେ ଭାରତର ରାଷ୍ଟ୍ରୀୟ ଆନ୍ଦୋଳନକୁ ବିକୃତ ବ୍ୟାଖ୍ୟା କରିଥିଲେ । ସେମାନେ ଭାରତୀୟ ସ୍ୱାଧୀନତା ସଂଗ୍ରାମକୁ କେବଳ କ୍ଷମତାର ହସ୍ତାନ୍ତରଣ (Transfer of Power) କହିଥିଲେ। ଇଂରେଜମାନେ ଭାରତୀୟମାନଙ୍କୁ ଏକ ସୁନ୍ଦର ଉପହାର ଦେଲେ ବୋଲି ଉଲ୍ଲେଖ କରିଛନ୍ତି । ଅନୀଲ ଶୀଲ ନାମକ ଇତିହାସକାର ନିଜର ପୁସ୍ତକରେ ବ୍ରିଟିଶ ଶାସନର କେତେକ ଅଧିକାରୀ, ଜମିଦାର, ନବାବ ତଥା କେତେକ ଇଂରାଜୀ ପଢ଼ାଲେଖା ଭାରତୀୟମାନଙ୍କ ପରସ୍ପର ସହଯୋଗ ବୋଲି ଉଲ୍ଲେଖ କରିଥିଲା । ସେ ରାଷ୍ଟ୍ରବାଦ ସ୍ଥାନରେ 'ରାଷ୍ଟ୍ରବାଦଗୁଡ଼ିକ' ବୋଲି ଲେଖୁଥିଲା । ସ୍ୱାଧୀନତାର କେନ୍ଦ୍ର ଇଂରେଜ ପ୍ରେସିଡେନ୍ସିଙ୍କ ସମ୍ଭ୍ରାନ୍ତ ବର୍ଗଙ୍କ ଇଚ୍ଛାନୁସାରେ ବୋଲି କହିଥିଲା । କଂଗ୍ରେସର ଜନ୍ମର ମୁଖ୍ୟ ବିଚାର ଲର୍ଡ଼ ଡାରନଙ୍କ ଦାନ ବୋଲି କହିଥିଲା। ଏହିପରି ଅନେକ ଇତିହାସକାର ଗୋର୍ଡ଼ନ ଜନସନ, ଡି.ଏ.ସବୁଡ଼, ସି.ଜି.ବେକର, ସି.ଏ. ବାୟସୀମାନେ ଭାରତର ଗୋଟିଏ ଗୋଟିଏ ପ୍ରଦେଶର ଇତିହାସର କାଳଖଣ୍ଡରେ ଇଂରେଜମାନଙ୍କ ବିରୋଧରେ ଆନ୍ଦୋଳନକୁ ଘୋର ସମାଲୋଚନା କରିଥିଲେ । ସେମାନେ ଭାରତର ରାଷ୍ଟ୍ରୀୟ ନେତାମାନଙ୍କ ଚରିତ୍ର ସଂହାର ଅତି ନିମ୍ନ ସ୍ତରରେ କରିଥିଲେ । ସେମାନେ ଭାରତୀୟ ନେତାମାନେ ପରସ୍ପର ଗୋଷ୍ଠୀବାଦରେ ଜଡ଼ିତ, ସ୍ୱାର୍ଥୀ, ସୁବିଧାବାଦୀ, ଷଡ଼ଯନ୍ତ୍ରକାରୀ ଓ ଛଳକପଟକାରୀ ବୋଲି ଉଲ୍ଲେଖ କରିଥିଲେ । ସେମାନେ ଭାରତୀୟ ବିଚାରଧାରାର ଅସ୍ତିତ୍ୱକୁ ଅତି ନିମ୍ନ ସ୍ତରରେ ଉଲ୍ଲେଖ କରିଥିଲେ । ଭାରତୀୟ ନେତାମାନଙ୍କ ଚରିତ୍ର ସଂହାର କରି ମହାତ୍ମା ଗାନ୍ଧୀଙ୍କୁ ଧୂର୍ତ୍ତ, ତିଳକଙ୍କୁ ବିବାଦୀୟ ଓ ଜାତିବାଦୀ, ଲାଲା ଲଜପତ ରାୟଙ୍କୁ ଏକ ରାଜନୈତିକ ଏଣ୍ଡୁଅ', ସି.ଆର.ଦାସଙ୍କୁ ଭାରତୀୟ ରାଜନୀତିର ସୁବିଧାବାଦୀ ବ୍ୟକ୍ତି, ଏସ.ସି.ବୋଷଙ୍କୁ ଜଣେ ଖରାପ ଓ ଦୁର୍ଜନମାନଙ୍କ ନେତା, ସି.ପି.ରାମସ୍ୱାମୀ ଆୟରଙ୍କୁ ଚାକିରି ପାଇଁ ଇଚ୍ଛୁକ ବ୍ୟକ୍ତି ତଥା ବି.ସି.ରାୟଙ୍କୁ ଗୋଷ୍ଠୀକନ୍ଦଳକାରୀ ବୋଲି ଉଲ୍ଲେଖ କରିଥିଲେ । ସଂକ୍ଷିପ୍ତରେ ସମ ନେ ଭାରତୀୟ ରାଷ୍ଟ୍ରୀୟ ଆନ୍ଦୋଳନକୁ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ ଭୌତିକ ଲାଭ ବୋଲି କହିଥିଲେ । ଭାରତୀୟ ରାଷ୍ଟ୍ରୀୟ ଆନ୍ଦୋଳନ ପଛରେ କୌଣସି ବିଚାର କିମ୍ବା ଚିନ୍ତନ ନଥିଲା ଓ ତପନ ରାୟ ଚୌଧୁରୀ ବ୍ରିଟିଶ ଇତିହାସକାରଙ୍କ ପରି ଏହାକୁ ପଶୁମାନଙ୍କ ସଂଘର୍ଷ କିମ୍ବା ପଶୁମାନଙ୍କ ରାଜନୀତି ବୋଲି ଉଲ୍ଲେଖ କରିଥିଲେ । ଏହିପରି ବ୍ରିଟିଶ ଇତିହାସକାରଙ୍କ ପରି ଭାରତୀୟ କମ୍ୟୁନିଷ୍ଟମାନେ ଭାରତୀୟ ଇତିହାସକୁ ବିକୃତୀକରଣ କରିବା ସହିତ ଭାରତୀୟ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଚରିତ୍ର ସଂହାର କରିଥିଲେ ।

ଭାରତର ସ୍ୱାଧୀନତା ପରେ ଦେଶର ଇତିହାସକାରମାନେ ଦେଶର ପ୍ରକୃତ ନିରପେକ୍ଷ, ତଥ୍ୟମୂଳକ ପ୍ରାମାଣିକ ଇତିହାସ ଲେଖୁବା ଆବଶ୍ୟକ । ଇତିହାସକୁ ରାଜନୀତିର ଆଖଡ଼ା କହିବା ଆବଶ୍ୟକ ନୁହେଁ । ଭାରତୀୟ ଇତିହାସ ଭାରତୀୟ ଚିନ୍ତନ ଓ ରାଷ୍ଟ୍ରୀୟ ଦୃଷ୍ଟିଆଧାରିତ ହେବା ଆବଶ୍ୟକ । ଭାରତୀୟ ଇତିହାସକୁ ତା'ର ସାଂସ୍କୃତିକ ଧରାତଳର ବିଚାର କରି ଉଲ୍ଲେଖ ହେବା ଆବଶ୍ୟକ । ଭୌତିକ ପ୍ରଗତି ସହିତ ଭାରତର ଆଧାତ୍ମିକ, ବୈଜ୍ଞାନିକ, ଧାର୍ମିକ ତଥା ସାଂସ୍କୃତିକ ପ୍ରଗତି ସହିତ ଭାରତ ବିଶ୍ୱକୁ ଦାନ ଆଦି ବର୍ଣ୍ଣନା କରି ତଥ୍ୟ ସମ୍ବଳିତ ଇତିହାସ ବର୍ଣନା ହେବା ଆବଶ୍ୟକ । ଆମର ମାର୍ଗଦର୍ଶନ କଥା ଇତିହାସ ସତ୍ୟ, କେବଳ ସତ୍ୟ, ସମ୍ପୂର୍ଣ୍ଣ ସତ୍ୟ ଉପରେ ଆଧାରିତ ହେବା ଆବଶ୍ୟକ । ତା' ଉପରେ ଇତିହାସର ଏକ ସୁଦୃଢ଼ ଢ଼ାଞ୍ଚା ନିର୍ମାଣ ହୋଇପାରିବ । ଭାରତୀୟ ଇତିହାସ ଅଧ୍ୟୟନ ପାଇଁ ଭାରତୀୟ ସାଧନ ଗୁଡ଼ିକର ସନ୍ଧାନ ତଥା ତା'ର ସଦୁପଯୋଗ ହେବା ଆବଶ୍ୟକ ।

ଆଡ଼ଭୋକେଟ, ଖଟବିନସାହି, କଟକ
ମୋ-୯୪୩୭୦୧୬୩୮୪

# ଏକାଦଶୀ ଉପବାସ ମାହାତ୍ମ୍ୟ : ୧୯

## ଅଜା ଏକାଦଶୀ

ସିଦ୍ଧାର୍ଥ ମହାପାତ୍ର

ପ୍ରଭୁ ଶ୍ରୀକୃଷ୍ଣ ଧର୍ମରାଜ ଯୁଧିଷ୍ଠିରଙ୍କୁ ଭାଦ୍ର ମାସ କୃଷ୍ଣ ପକ୍ଷ ଏକାଦଶୀର ନାମ ଅଜା ଏକାଦଶୀ କହିଲେ। ସଂସ୍କୃତ ଭାଷାରେ ଅଜାର ଅର୍ଥ ଯାହାର ପୁନର୍ଜନ୍ମ ହୁଏ ନାହିଁ। ଏହି ଏକାଦଶୀ ନିଷ୍ଠାର ସହିତ ପାଳନ କଲେ ସ୍ୱର୍ଗରେ ସ୍ଥାନ ମିଳେ ଏବଂ ପୁନର୍ଜନ୍ମ ହୁଏ ନାହିଁ। ଅଜା ଏକାଦଶୀ ଭାଦ୍ରବ ମାସ କୃଷ୍ଣ ପକ୍ଷ ତିଥିରେ ପାଳିତ ହୁଏ। ଏହି ଏକାଦଶୀରେ ଉପବାସ ସହ ରାତ୍ରି ଜାଗରଣ କଲେ ମୃତ୍ୟୁ ପରେ ସ୍ୱର୍ଗବାସ ହୁଏ। ପୁରା କାଳରେ ଅଯୋଧ୍ୟା ନଗରୀରେ ସୂର୍ଯ୍ୟବଂଶୀ ରାଜା ହରିଶ୍ଚନ୍ଦ୍ର ରାଜୁତି କରୁଥିଲେ। ଦାନବୀର ରାଜା ହିସାବରେ ତାଙ୍କର ସୁଖ୍ୟାତି ଥିଲା। ଏକଦା ଋଷି ବିଶ୍ୱାମିତ୍ର ରାଜାଙ୍କ ପରୀକ୍ଷା ନେବା ପାଇଁ ପହଞ୍ଚିଲେ, ଏବଂ ହରିଶ୍ଚନ୍ଦ୍ରଙ୍କ ସଂପୂର୍ଣ୍ଣ ରାଜ୍ୟ ଦାନ ସ୍ୱରୂପରେ ନେବାକୁ ଆଗ୍ରହ କଲେ। ସଂପୂର୍ଣ୍ଣ ରାଜ୍ୟ ଦାନ ସୂତ୍ରରେ ପାଇଲା ପରେ ଦକ୍ଷିଣାର ମଧ୍ୟ ଆଗ୍ରହ କଲେ। ରାଜା ହରିଶ୍ଚନ୍ଦ୍ର ଦକ୍ଷିଣା ସଂଗ୍ରହ ପାଇଁ ନିଜକୁ, ରାଣୀଙ୍କୁ ଏବଂ ରାଜପୁତ୍ରଙ୍କୁ ବିକ୍ରି କଲେ। ରାଜା ଚଣ୍ଡାଳ ପାଖେ ଶ୍ମଶାନରେ କାମ କଲେ। ରାଣୀ ଦାସୀ ରୂପରେ କାମ କଲେ। ରାଜପୁତ୍ର ସର୍ପ ଦଂଶନରେ ମୃତ୍ୟୁବରଣ କଲାରୁ ଉଭୟ ଶୋକ ସନ୍ତପ୍ତ ରାଜା ଏବଂ ରାଣୀ ଦାହ ସଂସ୍କାର ପାଇଁ ଶ୍ମଶାନରେ ଅପେକ୍ଷାରେ ଥିଲେ। ତାଙ୍କ ଦୁଃସହ ଦୁଃଖ ଦେଖି ନପାରି ଋଷି ଗୌତମ ରାଜା ହରିଶ୍ଚନ୍ଦ୍ରଙ୍କ ପାଖେ ପହଞ୍ଚିଲେ ଏବଂ ନିଦାରୁଣ ଦୁଃଖରୁ ମୁକ୍ତି ପାଇଁ ଅଜା ଏକାଦଶୀ ବ୍ରତ ପାଳନର ଉପଦେଶ ଦେଲେ। ରାଜା ଏବଂ ରାଣୀ ନିରାହାରରେ ରାତ୍ରି ଜାଗରଣ କରି ବିଷ୍ଣୁ ପୂଜନରେ ରତ ହେଲେ। ଦ୍ୱାଦଶୀ ଦିନ ସ୍ୱୟଂ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ସମସ୍ତ ଦେବତାଙ୍କ ସହ ଦର୍ଶନ ଦେଇ ରାଜପୁତ୍ରଙ୍କୁ ଜୀବିତ କଲେ ଏବଂ ରାଜାଙ୍କୁ ତାଙ୍କ ରାଜ୍ୟ ଫେରାଇଲେ। ରାଜା ହରିଶ୍ଚନ୍ଦ୍ର ଅନେକ ବର୍ଷ ନିରଙ୍କୁଶ ଶାସନ କଲେ, ଏବଂ ପ୍ରଜାଙ୍କ ସହ ଅଜା ଏକାଦଶୀ ପାଳନ କଲେ। ସମସ୍ତ ପ୍ରଜାଙ୍କ ସହିତ ସ୍ୱର୍ଗରେ ସ୍ଥାନ ପାଇଲେ। ଏହି ଏକାଦଶୀ ପଠନ ଏବଂ ଶ୍ରବଣରେ ଅଶ୍ୱମେଧ ଯଜ୍ଞ ସମାନ ପୁଣ୍ୟ ଫଳ ପ୍ରାପ୍ତି ହୁଏ।ବ୍ରତ ଦିନ ଭଗବାନଙ୍କ ପାଖରେ ବାଦାମ ଏବଂ ଖଜୁରୀ ପ୍ରସାଦର ନିୟମ ଅଛି।

*ବଜ୍ରକବାଟି ରୋଡ, କଟକ-୧*
*ମୋ : ୯୩୩୮୫୭୦୯୯୩*

# 'ବିକଶିତ ଭାରତ ପାଇଁ ନିରନ୍ତର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା' ଜାତୀୟ ସମ୍ମିଳନୀ

ଭୁବନେଶ୍ୱର,(ଭିଓଭି): ସିଏସ୍ଆଇଆର-ଇନଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି (ସିଏସଆଇଆର-ଆଇଏମଏମଟି) ଏବଂ ଏହାର ଏସସି/ଏସଟି କର୍ମଚାରୀ କଲ୍ୟାଣ ସଂଗଠନର ମିଳିତ ସହଯୋଗରେ, 'ବିକଶିତ ଭାରତ ପାଇଁ ନିରନ୍ତର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା' ଉପରେ ଏକ ଜାତୀୟ ସମ୍ମିଳନୀ ଏସଏସଟିଭି ୨୦୨୫ ଆୟୋଜିତ ହୋଇଛି। ସିଏସଆଇଆର-ଆଇଏମଏମଟିର ହୀରକ ଜୟନ୍ତୀ ଉପଲକ୍ଷେ ଆୟୋଜିତ ଏହି ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀକୁ ଲୋକସଭା ସାଂସଦ, ମାନ୍ୟବର ଶ୍ରୀ ଡ଼କ୍ଟର ରବିନ୍ଦ୍ର ନାରାୟଣ ବେହେରା, ଲୋକସଭା ସାଂସଦ, ମାନ୍ୟବର ଶ୍ରୀ ବିଭୁ ପ୍ରସାଦ ତରାଇ ଉଦଘାଟନ କରିଥିଲେ। ଏହି ସମ୍ମିଳନୀ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଦ୍ୱାରା ବିକଶିତ ଭାରତ ଗଠନର ଏକ ନୂତନ ଦୃଷ୍ଟିକୋଣ ଏବଂ ଅବସର ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ସିଏସ୍ଆଇଆର-ଆଇଏମ୍ଏମଟିର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ ସ୍ୱାଗତ ଭାଷଣ ଦେଇଥିବା ବେଳେ ମୁଖ୍ୟ ବୈଜ୍ଞାନିକ ଡ. ଏଲ୍. ଡି ବେସ୍ରା ସମ୍ମିଳନୀ ସମ୍ପର୍କରେ




ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରି ଭାରତ ସରକାରଙ୍କ ଲୋକ ସଭାର ମାନ୍ୟବର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା କହିଥିଲେ ଯେ, ଆମ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତର ଦୃଷ୍ଟିକୋଣ ପ୍ରମାଣ କରୁଛି ଯେ ସେ କେବଳ ଜଣେ ନେତା ନୁହଁନ୍ତି ବରଂ ଜଣେ ପ୍ରକୃତ ଦୂରଦର୍ଶୀ । ଆମକୁ ଏହି ଦୃଷ୍ଟିକୋଣରେ ଠିଆ ହେବାକୁ ପଡିବ ଏବଂ ଏହାକୁ ହାସଲ କରିବା ପାଇଁ ମିଳିତ ଭାବରେ କାର୍ଯ୍ୟ କରିବାକୁ ପଡିବ। ଯଦିଓ ପାଶ୍ଚାତ୍ୟ ବିଶ୍ୱ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଉପରେ ଆଧିପତ୍ୟ ରଖିଛି, କିନ୍ତୁ ଆମକୁ ମନେ ରଖିବାକୁ ହେବ ଯେ ଆମର ମୂଳ- ବେଦ, ପୁରାଣ ଏବଂ ଉପନିଷଦରେ ପ୍ରଚୁର ବୈଜ୍ଞାନିକ ଜ୍ଞାନ ରହିଛି, ଯାହାକୁ ଆମେ ଦୀର୍ଘ ଦିନ ଧରି ଅଣଦେଖା କରିଆସୁଛୁ। ଏଥିସହିତ ବୈଷୟିକ ପ୍ରଗତି ନିରନ୍ତରତା ସହ ଯୋଡ଼ି ହେବା ଦରକାର।

ଆମେ ଉନ୍ନତ ଉତ୍ପାଦ କିଣିଥାଉ କିନ୍ତୁ ସେଗୁଡ଼ିକୁ ବେପରୁଆ ଭାବରେ ଫିଙ୍ଗି ଦେଇଥାଉ, ଯାହା ପ୍ଲାଷ୍ଟିକ୍ ଏବଂ ଇଲେକ୍ଟ୍ରୋନିକ୍ ଚିପ୍ସ ଭଳି ବିପଜ୍ଜନକ ବର୍ଜ୍ୟବସ୍ତୁ ଦ୍ୱାରା ପରିବେଶକୁ କ୍ଷତି ପହଞ୍ଚାଇଥାଏ । ଶିଳ୍ପଗୁଡ଼ିକ ଦାୟିତ୍ୱସମ୍ପନ୍ନ ଭାବରେ ଉଦ୍ଭାବନ କରିବା ଦରକାର, ଯାହା ଦ୍ୱାରା ବିକାଶ ଏବଂ ପରିବେଶ ସଂରକ୍ଷଣ ଏକ ପ୍ରକୃତ ବିକ୍ଷିତ ଭାରତ ପାଇଁ ଏକାସାଙ୍ଗରେ ଚାଲିବ। ପ୍ରଥମ ଦିନରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଗବେଷଣା ଓ ବିକାଶ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଗବେଷଣା କୃତିକୁ ଏକ ସୁସଂଗଠିତ ପ୍ରଦର୍ଶନୀରେ ଉପସ୍ଥାପିତ କରାଯାଇଥିଲା, ଯେଉଁଥିରେ ପଣ୍ଡିତମାନେ ପର୍ଯ୍ୟଟକମାନଙ୍କୁ ସେମାନଙ୍କ ରଚନା ବିଷୟରେ ବୁଝାଇଥିଲେ। ଶ୍ରେଷ୍ଠ ପୋଷ୍ଟର ପୁରସ୍କାର ପାଇଁ ପୋଷ୍ଟରର ମୂଲ୍ୟାୟନ ମଧ କରାଯାଇଥିଲା। ଏହି ଅବସରରେ ବିକଶିତ ଭାରତ ପାଇଁ ନିରନ୍ତର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଉପରେ ଆୟୋଜିତ ଜାତୀୟ ସମ୍ମିଳନୀରେ ଭାରତ ସରକାରଙ୍କ ଲୋକସଭାର ମାନ୍ୟବର ସାଂସଦ ଡ. ବିଭୁ ପ୍ରସାଦ ତରାଇ କହିଥିଲେ ଯେ , ବିକଶିତ ଭାରତର ଦର୍ଶନ ଆଉ କେବଳ ଏକ ଧାରଣା ନୁହେଁ; ଏହା ଏକ ଜାତୀୟ ମିଶନ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ଶକ୍ତି, କୃଷକ, ଯୁବ ଏବଂ ବିଶ୍ୱାସର ଚାରିଟି ସ୍ତମ୍ଭ ଉପରେ ଧ୍ୟାନ ଦେଇ ତୃତୀୟ ବୃହତ୍ତମ ଅର୍ଥନୀତି ରେ ପରିଣତ ହେବାକୁ ଚେଷ୍ଟା କରୁଛି । ଐତିହାସିକ ଦୃଷ୍ଟିରୁ ବ୍ରିଟିଶ ଶାସନ ସମୟରେ ଆମ ସମ୍ବଳର ଶୋଷଣ କରାଯାଉଥିଲା, କିନ୍ତୁ ଆଜି ଆମ ପାଖରେ ଆତ୍ମନିର୍ଭର ଭାରତ ନିର୍ମାଣ କରିବାର ସୁଯୋଗ ରହିଛି। ଏହି ଯାତ୍ରାରେ ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ ଗୁରୁତ୍ୱପୂର୍ଣ୍ଣ । ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗକୁ ନେଇ ବିଜ୍ଞାନ ରଥ ଭଳି ପଦକ୍ଷେପ ହଜାର ହଜାର, ବିଶେଷ କରି ଛାତ୍ରଛାତ୍ରୀଙ୍କୁ ବୈଜ୍ଞାନିକ ପ୍ରଗତି ପାଇଁ ପ୍ରେରଣା ଦେଇଛି। ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ସୁକତା ଏକ ଉଜ୍ଜ୍ୱଳ ଭବିଷ୍ୟତର ସଙ୍କେତ ଦେଇଥାଏ। ନିରନ୍ତର ବିକାଶ ହାସଲ କରିବା ପାଇଁ ପ୍ରତ୍ୟେକ ନାଗରିକଙ୍କୁ ଉଦ୍ଭାବନ ଏବଂ ଗବେଷଣାକ୍ଷେତ୍ରରେ ଅବଦାନ ଦେବାକୁ ପଡ଼ିବ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାକୁ ଲୋକପ୍ରିୟ କରି ଆମେ ଭାରତକୁ ବିଶ୍ୱସ୍ତରରେ ଅଗ୍ରଣୀ କରିପାରିବା । ଆମେ ମିଳିମିଶି ଏକ ଶକ୍ତିଶାଳୀ, ଅଧିକ ସମୃଦ୍ଧ ରାଷ୍ଟ୍ର ଗଠନ କରିବୁ ଏବଂ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବୁ ।

# ମାଟ୍ରିକ ଖାତାଦେଖା ୧୯ରୁ , ମେ' ମାସରେ ପରୀକ୍ଷା ଫଳ

କଟକ (ଭିଓଭି): ରାଜ୍ୟରେ ଚାଲିଥିବା ୨୦୨୫ ମାଟ୍ରିକ ପରୀକ୍ଷା ଶେଷ ହୋଇଛି। ଛାତ୍ରୀଛାତ୍ର ଆଜି ଶେଷଦିନରେ ତୃତୀୟ ଭାଷା ହିନ୍ଦୀ ଓ ସଂସ୍କୃତ ବିଷୟରେ ପରୀକ୍ଷା ଦେଇଥିଲେ। ପରୀକ୍ଷା ସକାଳ ୯ଟାରୁ ଆରମ୍ଭ ହୋଇ ସାଢ଼େ ୧୧ଟା ସମୟରେ ଶେଷ ହୋଇଥିଲା। ତେବେ ଚଳିତମାସ ୧୯ ତାରିଖରେ ମାଟ୍ରିକ ଖାତାଦେଖା ଆରମ୍ଭ ହେବାକୁ ଥିବାବେଳେ ଆସନ୍ତା ମେ'ପ୍ରଥମ ସପ୍ତାହରେ ରେଜଲ୍ଟ ପ୍ରକାଶ ପାଇବ। ଏନେଇ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।ଚଳିତବର୍ଷ ୱାଟର ମାର୍କ ଓ କ୍ୟୁଆର କୋଡ୍ ସଫଳ ହୋଇଛି। ନୂଆ ଜ୍ଞାନ କୌଶଳ ପ୍ରୟୋଗ କାମ ଦେଇଛି ବୋଲି କହିଛନ୍ତି ବୋର୍ଡ ସଭାପତି। ପ୍ରଶ୍ନପତ୍ରରେ ୱାଟର ମାର୍କ ଓ କ୍ୟୁଆର କୋଡରୁ ସୁଫଳ ମିଳିଛି। ଏଥର ପ୍ରଶ୍ନପତ୍ର ଭାଇରାଲ ହୋଇନି, ସମସ୍ତେ ସହଯୋଗ କରିଛନ୍ତି। ବିଶେଷକରି ଇଓ କ୍ୟାମେରା ଦ୍ୱାରା ପରୀକ୍ଷାରେ ଅନିୟମିତତା ଧରାପଡ଼ିଗଲା। ମୋଟାମୋଟି ଭାବେ ଚଳିତଥର ମାଟ୍ରିକ ପରୀକ୍ଷା ସଫଳ ହୋଇଛି।ସୂଚନାଯୋଗ୍ୟ, ଚଳିତବର୍ଷ ମାଟ୍ରିକ ପରୀକ୍ଷା ଫେବୃଆରୀ ୨୧ରେ ଆରମ୍ଭ ହୋଇଥିଲା। ପରୀକ୍ଷାକୁ ଭଲ ଭାବେ ପରିଚାଳନା କରିବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସବୁପ୍ରକାର ବ୍ୟବସ୍ଥା କରଯାଇଥିଲା।



ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଯାଇଥିଲା। ସବୁ କେନ୍ଦ୍ର ଉପରେ ନଜର ରଖିବାକୁ ବୋର୍ଡ କାର୍ଯ୍ୟାଳୟରେ କଣ୍ଟ୍ରୋଲ ରୁମ୍ର ବ୍ୟବସ୍ଥା ହୋଇଥିଲା।ଚଳିତବର୍ଷ ମାଟ୍ରିକ ପରୀକ୍ଷା ପାଇଁ ଓଡ଼ିଶାରେ ମୋଟ୍ ? ୫ ଲକ୍ଷ ୨୨ ହଜାର ୩୩୬ ଜଣ ଛାତ୍ରୀଛାତ୍ର ଫର୍ମପୂରଣ କରିଥିଲେ। ପରୀକ୍ଷାକୁ ସୂଚାରୁ ରୂପେ ଚଳାଇବା ପାଇଁ ମୋଟ୍ ୩ ହଜାର ୧୩୩ଟି ପରୀକ୍ଷା କେନ୍ଦ୍ର ହୋଇଥିଲା। ପ୍ରଶ୍ନପତ୍ର ରଖିବା ପାଇଁ ବୋର୍ଡ ପକ୍ଷରୁ ୩୧୪ଟି ନୋଡାଲ ସେଣ୍ଟର କରାଯାଇଥିଲା।

# ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ବିଜୁ ଜୟନ୍ତୀ ପାଳିତ

ଯାଜପୁର (ଭିଓଭି) : ସାରା ରାଜ୍ୟ ରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ବିଜୁ ଜୟନ୍ତୀ ପାଳିତ ହୋଇଥିବା ବେଳେ ଯାଜପୁରରେ ବିଜୁ ଜନତା ଦଳ ପକ୍ଷରୁ ଆୟୋଜିତ ହୋଇଛି ଭବ୍ୟ କାର୍ଯ୍ୟକ୍ରମ। ଯଯାତି କେଶରୀ ମେଡିକାଲ କଲେଜ୍ ସମ୍ମୁଖ ରେ ନିର୍ମିତ ବିଜୁ ବାବୁଙ୍କ ୪୩ ଫୁଟ ଉଚ୍ଚତା ବିଶିଷ୍ଟ ସର୍ବ ବୃହତ୍ ପ୍ରତିମୂର୍ତ୍ତି ନିକଟରେ ରାଜ୍ୟ ର ତୁଙ୍ଗ ନେତା ମାନେ ଏକତ୍ରିତ ହୋଇ ବିଜୁ ବାବୁଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଯାଜପୁର ର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ନେତୃତ୍ୱ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଦେବିଁ ପ୍ରସାଦ ମିଶ୍ର,ସଞ୍ଜୟ ଦାସ ବର୍ମା,ଅରୁଣ ସାହୁ,ପ୍ରିତିରଞ୍ଜନ ଘଡ଼େଇ, ପ୍ରତାପ ଦେବ, ପ୍ରମିଳା ମଲ୍ଲିକ, ପ୍ରତାପ ଜେନା, ବାରୀ ବିଧାୟକ ବିଶ୍ୱ ମଲ୍ଲିକ ଯାଜପୁର ବିଧାୟିକା ସୁଜାତା ସାହୁ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜଙ୍କ ସମେତ ବହୁ ବିଧାୟକ ଓ ସାଂସଦ ମାନେ ଓ ଯାଜପୁର ପୌରପାଳିକାର ଚେୟାରମେନ ରଞ୍ଜୁଲତ ହୋତା ଓ ଭାଇସ ଚେୟାରମେନ ସନ୍ତୋଷ କୁମାର ମଲ୍ଲିକ ତଥା ବରିଷ୍ଠ ବିଜେଡି ନେତା କର୍ଣ୍ଣାଟ କେଶରୀ ଦାସ ପୂର୍ବତନ ଚେୟାରମେନ ଭବ ପ୍ରସାଦ ଦାସ ଓ ଯାଜପୁର ବିଜେଡି ନଗର ପଳିକାର ଯୁବ ସଭାପତି ମନୋଜ କୁମାର ସାହୁ ଓ ଯାଜପୁର ପୌରପାଳିକାର ସମସ୍ତ କାଉନସିଲର ଓ ଯାଜପୁର ଜିଲ୍ଲାର ସମସ୍ତ ବିଜେଡି ବ୍ଲକ୍ ଚେୟାରମେନ ଓ ଭାଇସ୍ ଚେୟାରମେନ ଓ ଜିଲ୍ଲା ପରିଷଦ ଚେୟାରମେନ ଓ ସମସ୍ତ ବିଜେଡି ଦଳର ସରପଞ୍ଚ , ସମିତି ସଭ୍ୟ ୱାର୍ଡ ମେମ୍ବର ଓ ସମସ୍ତ ବିଜୁ ଜନତା ଦଳର ବରିଷ୍ଠ ନେତା ଓ କର୍ମୀ ମାନଙ୍କ ସମେତ ବହୁ ମହିଳା ଓ ପୁରୁଷ ଯୋଗ ଦେଇ ଥିଲେ। ପାଖାପାଖି ଏହି ସଭାରେ ୧୫ ହଜାରରୁ କୋଡ଼ିଏ ହଜାର ବିଜୁ ବାବୁଙ୍କୁ ଭଲପାଉଥିବା ଯାଜପୁର ବାସି ଯୋଗ ଦେଇ ବିଜୁ ବାବୁଙ୍କ ଓଡ଼ିଶା ପ୍ରତି ଥିବା ଅବଦାନ କୁ ମନେ ପକାଇବା ସହିତ ରାଜ୍ୟ ସରକାର ଯେଉଁ ଭଳି ବିଜୁ ବାବୁଙ୍କୁ ସମ୍ମାନିତ କରିଛନ୍ତି ତାର ଜବାବ ଆଗାମୀ ଦିନ ରେ ଲୋକେ ଦେବେ ବୋଲି ଚେତାବନୀ ଦେଇଥିଲେ। ପ୍ରାରମ୍ଭ ରେ ଅତିଥି ମାନେ ସର୍କିଟ ହାଉସ ନିକଟରୁ ଏକତ୍ରିତ ହୋଇ ପଦଯାତ୍ରା ରେ ଆସି ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲେ। ଆଜି ର ଏହି ଭବ୍ୟ କାର୍ଯକ୍ରମ ପାଇଁ ପୁରା ଯାଜପୁର ଉତ୍ସବ ମୁଖର ହୋଇଥିଲା।

## ମାଲକାନଗିରି: ଗଣପର୍ବ ବଡ ଯାତ୍ରା ପାଇଁ ବ୍ୟାପକ ପ୍ରସ୍ତୁତି

ମାଲକାନଗିରି (ଭିଓଭି): ମାଲକାନଗିରି ଜିଲ୍ଲାର ଗଣପର୍ବ କୁହାଯାଉଥିବା ବଡଯାତ୍ରା ପାଇଁ ଚଳ ଚଂଚଳ ହୋଇ ପଡିଲାଣି ମାଲକାନଗିରି ଜିଲ୍ଲା। ଏହି ଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଜାଇ ଥିବା ବେଳେ ଆସନ୍ତା ୩ ତାରିଖରେ ବଡ ଠାକୁର ପ୍ରଭୁ କାନମ ରାଜ, ବାଲା ରାଜ, ପୋତ ରାଜ ଓ ମା ମୁତ୍ୟାଲୁ ଆମ୍ମା ଆନ୍ଧ୍ର ସ୍ଥିତ ପୋଲୁର ଠାରେ ସ୍ନାନ କରି ମାଲକାନଗିରି ଅଭିମୁଖେ ଯାତ୍ରା ଆରମ୍ଭ କରିବେ। ଚଳିତ ମାସର ୧୧ ତାରିଖ ରାତି ୧୨ ଟା ପରେ ମାଲକାନଗିରି ସଦରମହକୁମା ସ୍ଥିତ ମାଉଲୀ ମାଆ ମନ୍ଦିର ଠାରେ ଏହି ଯାତ୍ରା ଉଦଯାପିତ ହେବ। ଏହି ଯାତ୍ରାରେ ଆନ୍ଧ୍ର, ତେଲେଙ୍ଗନା, ଛତିଶଗଡ ଓ ଓଡିଶାର ବିଭିନ୍ନ ସ୍ଥାନରୁ ହଜାର ହଜାର ଭକ୍ତଙ୍କ ସମାଗମ ହୁଏ । ତେବେ ପ୍ରତି ଦୁଇ ବର୍ଷରେ ଥରେ ହେଉଥ ?ବା ଏହି ଯାତ୍ରାରେ ଦେବା ଦେବୀଙ୍କ ସ୍ନାନ ପରେ ପୋଲୁର ଠାରେ ଥିବା ତାଡକାରେଉ କୁଣ୍ଡରେ ହଜାର ହଜାର ସଂଖ୍ୟକ ଭକ୍ତ ମଧ୍ଯ ସ୍ନାନ କରନ୍ତି। କୁହାଯାଏ ଏହି ସ୍ନାନ କଲେ କୋଟି ପୂଣ୍ୟ ଅର୍ଜନ ହୁଏ। ତେଣୁ ଆନ୍ଧ୍ର ସ୍ଥିତ ଏହି ତାଡକା ରେଉକୁ ଭକ୍ତଙ୍କ ସମାଗମ ପାଇଁ ଉଭୟ ଆନ୍ଧ୍ର ଓ ମାଲକାନଗିରି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଛି । ପୂର୍ବରୁ ଲୋକେ ଏହି ସ୍ଥାନକୁ ଯିବାକୁ ହେଲେ ପୋଲୁର ଦେଇ ବୋହି ଯାଉଥିବା ନଦୀରେ ଡଙ୍ଗା ମାଧ୍ୟମରେ ଯାତାୟତ କରୁଥିଲେ ।

## ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ ପଦ୍ମାବତୀ ଧଳ
ଅଣ୍ଡାଇପଲ୍ଲୀ, ଭଦ୍ରକ
ଆବିର୍ଭାବ : ୧୮.୦୨.୧୯୫୫
ତିରୋଧାନ : ୨୮.୦୨.୨୦୨୫

ଭିଓଭି ପରିବାରର ସକ୍ରିୟ ସଦସ୍ୟ ଡ଼ଃ କମଳ କୁମାର ଧଳଙ୍କର ମାତାଙ୍କ ଏକାଦଶାହ ଅବସରରେ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଉଅଛୁ । ଇଶ୍ୱର ଅମର ଆତ୍ମାକୁ ସଦ୍ଗତି ପ୍ରଦାନ କରନ୍ତୁ ।

# ଅର୍ଦ୍ଧ ନିର୍ମିତ ଅବସ୍ଥାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣଧୀନ ଲକ୍ଷ୍ମୀ ବସ ଷ୍ଟାଣ୍ଡ

ଖଡ଼ିଆଳ (ଭିଓଭି): ଓଡ଼ିଶାର ପୂର୍ବ ବିଜେଡ଼ି ସରକାର ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ଗମନା ଗମନ କ୍ଷେତ୍ରରେ ସୁବିଧା ସୁଯୋଗ ଯୋଗାଇଦେବା ଉଦ୍ଦେଶ୍ୟରେ ଆରମ୍ଭ କରିଥିଲେ ଲକ୍ଷ୍ମୀ ବସ ଯୋଜନା । ଏହି ଲକ୍ଷ୍ମୀ ବସ ଯୋଜନା ସାରା ରାଜ୍ୟରେ କାର୍ଯ୍ୟକାରୀ ହୋଇଥିବା ବେଳେ ନୂଆପଡ଼ା ଜିଲ୍ଲାରେ ମଧ୍ୟ କାର୍ଯ୍ୟକାରୀ ହୋଇ ଥିଲା । ଏହି ଲକ୍ଷ୍ମୀ ବସ ଯୋଜନାରେ ପ୍ରତ୍ୟେକ ବ୍ଲକକୁ ତିନି ରୁ ଚାରି ଗୋଟି ଲକ୍ଷ୍ମୀ ବସ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଥିଲା । ଏହି ଲକ୍ଷ୍ମୀ ବସ ଗୁଡ଼ିକ ଗ୍ରାମାଞ୍ଚଳ ରୁ ବ୍ଲକ ସଦର ମହକୁମାକୁ ପାଞ୍ଚ ଟଙ୍କାରେ ଲୋକଙ୍କୁ ଯିବା ଆସିବାରେ ସହାୟକ ହେଉଛି । ଯାହା ଫଳରେ ଗ୍ରାମାଞ୍ଚଳର ଲୋକେ ସହଜରେ ଓ ଅଳ୍ପ ଖର୍ଚ୍ଚରେ ଯିବା ଆସିବା କରି ପାରୁଛନ୍ତି । ଏହି ଲକ୍ଷ୍ମୀ ବସ ଗୁଡ଼ିକରେ ଜନ ସାଧାରଣ ଯିବା ଆସିବ କରିବା ସମୟରେ ବସକୁ ଅପେକ୍ଷା କରିବା ଓ ବିଶ୍ରାମ ନେବା ପାଇଁ ସ୍ୱତନ୍ତ୍ର ଭାବେ ଲକ୍ଷ୍ମୀ ବସଷ୍ଟାଣ୍ଡ ମଧ୍ୟ ସାରା ରାଜ୍ୟର ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ସ୍ତରରେ ଗୋଟିଏରୁ ଦୁଇଟି ଲେଖାଏଁ ଲକ୍ଷ୍ମୀ ବସଷ୍ଟାଣ୍ଡ ଗାଁର ମୁଖ୍ୟ ରାସ୍ତା ଉପରେ ତିଆରି କରା ଯିବାର ବ୍ୟବସ୍ଥା ଏହି ଲକ୍ଷ୍ମୀ ବସ ଯୋଜନାରେ କରାଯାଇଥିଲା । ଗ୍ରାମ ପଞ୍ଚାୟତ ସ୍ତରରେ ଏହି ଲକ୍ଷ୍ମୀ ବସ ଷ୍ଟାଣ୍ଡ ତିଆରି କରିବା ପାଇଁ ପ୍ରାୟ ୫ ରୁ ୬ ଲକ୍ଷ ଟଙ୍କା ଆମ ଓଡ଼ିଶା ନବୀନ ଓଡ଼ିଶା ଅନୁଦାନ ପାଣ୍ଠିରୁ ଆର୍ଥିକ ବର୍ଷ ୨୦୨୩-୨୪ରେ ଖର୍ଚ୍ଚ କରାଯାଇଛି । ଏହି ପରିପ୍ରେକ୍ଷୀରେ ଲକ୍ଷ୍ମୀ ବସ ଯୋଜନାରେ ଯାତ୍ରୀଙ୍କ ରହଣି ଓ ବିଶ୍ରାମ ପାଇଁ ନୂଆପଡ଼ା ଜିଲ୍ଲାର ବିଭିନ୍ନ ଗ୍ରାମ ପଞ୍ଚାୟତସ୍ତରରେ ଲକ୍ଷ୍ମୀ ବସ ଷ୍ଟାଣ୍ଡ ନିର୍ମାଣ କରାଯାଇଛି କ୍ଷ ହେଲେ ନୂଆପଡା ଜିଲ୍ଲାର ପ୍ରାୟ ଲକ୍ଷ୍ମୀ ବସ ଷ୍ଟାଣ୍ଡ ଗୁଡିକ ଠିକ ସ୍ଥାନରେ ନିର୍ମାଣ ହୋଇ ନ ଥିବା ତଥା କିଛି ବସ ଷ୍ଟାଣ୍ଡ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡି ରହିଥିବାରୁ ଯାତ୍ରୀ ମାନେ ଲକ୍ଷ୍ମୀ ବସ ଷ୍ଟାଣ୍ଡ ରେ ରହୁ ନଥିବା ବେଳେ ନାହିଁ ନ ଥିବା ଅସୁବିଧା ର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି କ୍ଷ ଯାହା ଫଳରେ ଲକ୍ଷ୍ମୀ ବସ ଷ୍ଟାଣ୍ଡ ନିର୍ମାଣ ପାଇଁ ସରକାରଙ୍କ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ମଧ୍ୟ ଉଦ୍ଦେଶ୍ୟ ସାଧିତ ହୋଇ ପାରୁ ନାହିଁ କ୍ଷ ଠିକ ସେହି ଭଳି ଏହି ଲକ୍ଷ୍ମୀ ବସଷ୍ଟାଣ୍ଡ ଯୋଜନାରେ ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବଡ଼ଦୋହେଲ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ନିର୍ମିତ ହେଉଥିବା ଲକ୍ଷ୍ମୀ ବସଷ୍ଟାଣ୍ଡ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡ଼ିରହିଛି । ବର୍ତ୍ତମାନ ସୁଦ୍ଧା ଏହି ବସଷ୍ଟାଣ୍ଡର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇନଥିବାରୁ ଏହି ଲକ୍ଷ୍ମୀ ବସଷ୍ଟାଣ୍ଡରେ ଯାତ୍ରୀ ରହୁନଥିବା ଦେଖିବାକୁ ମିଳିଛି । ଏନେଇ ସେଠାକୁ ଆସୁ ଥିବା ଯାତ୍ରୀ ଅନେକ ଥର ପ୍ରଶାସନ କୁ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳୁ ନଥିବା କହିଛନ୍ତି । ଏହି ଲକ୍ଷ୍ମୀ ବସଷ୍ଟାଣ୍ଡ ଟି ଆମ ଓଡ଼ିଶା ନବୀନ ଓଡ଼ିଶା ଅନୁଦାନରୁ ଆର୍ଥିକ ବର୍ଷ ୨୦୨୩-୨୪ ପାଣ୍ଠି ରୁ ପାଞ୍ଚ ଲକ୍ଷ ଚଉରାନବେ ହଜାର ଦୁଇ ଶହ ଟଙ୍କା ୫,୯୪,୨୦୦ଲକ୍ଷରେ ନିର୍ମିତ ହୋଇଛି ଏହି ଲକ୍ଷ୍ମୀ ବସ ଷ୍ଟାଣ୍ଡ କ୍ଷ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି ଲକ୍ଷ୍ମୀ ବସଷ୍ଟାଣ୍ଡ ଗୁଡ଼ିକ କେତେକ ସ୍ଥାନରେ ନିଛାଟିଆ ସ୍ଥାନ ତଥା ବ୍ୟକ୍ତିଗତ ସ୍ଥାନରେ ନିର୍ମିତ ହୋଇଥିବାରୁ ମହିଳାମାନେ ସେଠାରେ ରହିବାକୁ ସୁରକ୍ଷିତ ମଣୁ ନ ଥିବା ଅଭିଯୋଗ ହେଉଛି । ଏଣୁ ଲକ୍ଷ ଠାରୁ ଦୁରେଇ ଯାଇଛି ସରକାରଙ୍କ ଏହି ଲକ୍ଷ୍ମୀ ବସଷ୍ଟାଣ୍ଡ ଯୋଜନା । ତେବେ ରାତି ହେଲେ ସେହି ବସଷ୍ଟାଣ୍ଡ ଗୁଡିକରେ ମଦ୍ୟପ, ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟୁ ଥିବା ସ୍ଥାନୀୟ ଜନ ସାଧାରଣ ଅଭିଯୋଗ କରିଛନ୍ତି । ଏହା ଛଡ଼ା କେତେକ ଲକ୍ଷ୍ମୀ ବସଷ୍ଟାଣ୍ଡର ରକ୍ଷଣା ବେକ୍ଷଣ ଅଭାବରୁ ମଇଳା ଆବର୍ଜନାରେ ପଡ଼ି ରହିଥିବା ବେଳେ କେତେକ ଲକ୍ଷ୍ମୀ ବସ ଷ୍ଟାଣ୍ଡ ବୁଲା କୁକୁରଙ୍କ ବାସସ୍ଥଳୀ ପାଲଟିଛି ଥିବା ମଧ୍ୟ ଦେଖିବାକୁ ମିଳିଛି । ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରି ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ସ୍ତରରେ ଲକ୍ଷ୍ମୀ ବସଷ୍ଟାଣ୍ଡ ଯାତ୍ରୀଙ୍କ ରହଣି ଓ ବିଶ୍ରାମ ପାଇଁ ଖର୍ଚ୍ଚ କଲେ ହେଲେ ସ୍ଥାନୀୟ ପ୍ରଶାସନଙ୍କ ଭୁଲ ସ୍ଥାନ ନିରୂପଣ ପାଇଁ ନିର୍ମିତ ହୋଇଥିବା ଲକ୍ଷ୍ମୀ ବସଷ୍ଟାଣ୍ଡ ଲୋକଙ୍କ କାମରେ ଆସୁନାହିଁ । ସରକାର ଯେଉଁ ଉଦ୍ଦେଶ୍ୟ ନେଇ ଲକ୍ଷ୍ମୀ ବସ ଷ୍ଟାଣ୍ଡ ନିର୍ମାଣ କରାଯାଇଥିଲା ତାହାର ଅସଲ ଉଦ୍ଦେଶ୍ୟ ସାଧିତ ହେଉ ନ ଥିବା ଦେଖିବାକୁ ମିଳିଛି । ବ୍ଲକ ତଥା ଜିଲ୍ଲା ପ୍ରଶାସନ ଏଦିଗରେ ଦୃଷ୍ଟି ଦେବା ସହ ଏଉପରେ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳ ବାସୀ ଦାବୀ କରିଛନ୍ତି ।







# କାମ ନାମରେ ଜିଲ୍ଲା ଜଳସେଚନ ବିଭାଗରେ କୋଟି କୋଟି ଟଙ୍କାର ଘୋଟାଲା ଏବଂ ହରିଲୁଟ

କେନ୍ଦ୍ରାପଡା,(ଭିଓଭି): ଗତ ଦୁଇ ବର୍ଷ ଭିତରେ କେନ୍ଦ୍ରାପଡା ଜଳସେଚନ ବିଭାଗରୁ ପ୍ରାୟ ୮୬ କୋଟି ଟଙ୍କାର ବିଭିନ୍ନ ସ୍ଥାନରେ ରାସ୍ତାରେ ପିଚୁ, ଗୋଡି କାମ ସହିତ ନାଳ ଭିତରେ ଅତି ନିମ୍ନ ମାନର ଢଳେଇ କାମ କଥା କୁହନ୍ତୁ କିମ୍ବା କଲଭଟ୍ ନିର୍ମାଣ କାମ କଥା କୁହନ୍ତୁ । ସବୁଠି ଦୁର୍ନିତୀର ଗନ୍ଧ ବାଛିଟା ଯେ - ସ୍ୱଷ୍ଟ ଭାବରେ ବାରି ହୋଇ ପଡୁଛି, ତାହା ନକହିବା ବହୁତ ଭଲ । ଉଦାହରଣ ସ୍ୱରୂପ ଇଛାପୁର ଏବଂ ଶ୍ୟାମସୁନ୍ଦରପୁର ଛକ ପର୍ଯ୍ୟନ୍ତ ଉଭୟ ନାଳ ଉପର ଏବଂ ଭିତରେ ୪ ଜଣ କଣ୍ଟ୍ରାକ୍ଟରଙ୍କ ଦ୍ୱାରା କରା ଯାଉଥିବା କଲଭଟ୍ ଏବଂ ଢଳେଇ କାମ କିମ୍ବା ପିଚୁ କାମରେ କୋଟି କୋଟି ଟଙ୍କା ଘୋଟାଲା କରାଯାଇଥିବା ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ଜିଲ୍ଲା ପ୍ରଶାସନ ପାଇଁ କିଛି ଫରକ ନପଡିବା ଘଟଣାକୁ ନେଇ ସହର ସାରା ବର୍ତ୍ତମାନ ମୁଖ୍ୟ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଉପରସ୍ଥ ସମସ୍ତ କାମରେ ଜଳସେଚନ ବିଭାଗର ଜେଇଙ୍କଠୁ ଆରମ୍ଭକରି ଏସଡିଓଙ୍କ ପର୍ଯ୍ୟନ୍ତ ସମସ୍ତେ ସମ୍ପୃକ୍ତିଥିବା ଜଣାପଡିଛି । କୋଟି କୋଟି ଟଙ୍କାର ମିଳିତ ଭାଗିଦାରୀ ଏବଂ ପର୍ସେଣ୍ଟେଜରେ ଚାଲିଛି ଜଳ ସେଚନ ବିଭାଗର ବହୁ ସ୍ଥାନରେ ଅତି ନିମ୍ନ ମାନର କାମ । ବହୁ ସ୍ଥାନରେ ବିନା ଟେଣ୍ଡର, ବିନା ଫଳକ ଏବଂ ଜେଇ ମଲ୍ଲିକ ବାବୁ ଏବଂ ଏସଡିଓ ସେଠୀ ବାବୁଙ୍କ ମିଳିତ ଚିଠାରେ ଚାଲିଛି କୋଟି କୋଟି ଟଙ୍କାର କାମ । ଏମିତି ବି ଅଧିକାଂଶ ଜାଗାରେ ଚାଲିଥିବା ସମସ୍ତ କାମ ଗୁଡ଼ିକୁ ଜିଲ୍ଲାର ଉଚ୍ଚ ପଦସ୍ଥ କର୍ମଚାରୀ ମାନେ କରୁଛନ୍ତି କିଛି ତଦ୍ଦନ୍ତ ନା ଖୋଦ ଜିଲ୍ଲାପାଳ କରୁଛନ୍ତି କୌଣସି ତଦ୍ଦନ୍ତ କି ଇନକ୍ୱାରୀ । ନେତା,ମନ୍ତ୍ରୀ ସମସ୍ତେ ନେଉଛନ୍ତି ପିସି । ବିଜେଡି ସରକାର ଗଲା ବିଜେପି ସରକାର ଆସିଲା । ହେଲେ ଇରିଗେସନ ବିଭାଗରେ କରା ଯାଇଥିଲା ଶହ ଶହ କୋଟି ଟଙ୍କାର ଦୁର୍ନୀତି ଏବଂ ଘୋଟାଲା ଉପରେ କାହାରି ନଜର ନଥିବା ଦେଖିବାକୁ ମିଳିଛି । ଏବେ ବିଜେପି ସରକାର ସମୟରେ ମଧ୍ୟ ସେହି ଏକା କଥା କେନ୍ଦ୍ରାପଡା ଜିଲ୍ଲାର ଜଳସେଚନ ବିଭାଗରେ ପୁଣି ସେହି ମହା ଦୁର୍ନିତୀ କରାଯାଉଛି । ଦୁର୍ନୀତିର ଚେର ମଧ୍ୟ ଦିନକୁ ଦିନ ଆହୁରି ଅଧିକ ଗଭୀରକୁ ଗଭିରକୁ ଲମ୍ବିବାକୁ ଲାଗିଛି । ଲୋକେ କହୁଥିଲେ ବିଜେପି ସରକାର ଆସିଲେ କୁଆଡେ ଦୁର୍ନିତୀର ମୂଳ ଉପାଡି ଫୋପାଡି ଦେବ । ହେଲେ କେନ୍ଦ୍ରାପଡା ଜିଲ୍ଲା ଜଳସେଚନ ବିଭାଗ ଯେ - ବିଜେପି ସରକାର ସମୟରେ ଦୁର୍ନିତୀର ଚରମ ସୀମାରେ ପହଞ୍ଚିବ କିଏ ବା କହିବ ।






# ନାଳ ପୁନରୁଦ୍ଧାର ହେଲେ ଉପକୃତ ହେବେ ଚାଷୀ

କଣାସ (ଭିଓଭି): କଣାସ ବ୍ଲକ ର ବିଭିନ୍ନ ନାଳ ଓ କାଡାନାଳ ପୋତି ହୋଇଯାଇଛି । ଫଳରେ ଚାଷୀମାନେ ଚାଷ କର୍ତ୍ୱା ପାଇଁ ହନ୍ତସନ୍ତ ହେଉଛନ୍ତି । ନୂଆସାହି ଓ ତ୍ୱେହେଣ୍ଡା ମଝିରେ ରହିଛି ନାଳ । ଏହି ନାଳ ଉପରେ ଗଡମାଟିଆପଡା, ଗଡବଡପୁଟ , ଘରଛିଆ, ସିମିଳିପାଟଣାର ଶହଶହ ଚାଷୀ ନିର୍ଭର କରି ଚାଷ କରୁଥିଲେ । ବର୍ତମାନ ଏହି ନାଳ ବହୁବର୍ଷ ଧରି ପୋତି ହୋଇଯାଇଛି । ନାଳରେ ପାଣି ନ ରହିବା ଫଳରେ ଏହା ଉପରେ ନିର୍ଭର କରି ଚଳୁଥିବା ଚାଷୀ ମାନଙ୍କ ଚାଷ ଉଜୁଡି ଯାଇଛି । ଏହା ପାଶ୍ୱର୍ରେ ଥିବା ବିଲ ରେ ପନିପରିବା ଚାଷ ହେଉନାହି । ଜଳସେଚନ ଅଭାବରୁ ଚାଷୀ ବାଦାମ,ବିରି ଫସଲ କରିବା ପାଇଁ ଅମଙ୍ଗ ହେଉଛି । ଏସବୁ ଅର୍ଥକାରୀ ଫସଲ ଚାଷୀ ର ଆର୍ଥିକ ଅବସ୍ଥା କୁ ମଜ୍ଭୁତ କରୁଥିଲା । ଏବେ ଅର୍ଥକାରୀ ଫସଲ ସାତସପନ ହୋଇଯାଇଛି । ଚାଷୀ ମାନେ ଫସଲରୁ ମୁହଁ ଫେରାଇ ନେଇଛି ।ଜଳସେଚନ ର ସୁବିଧା ହେଲେ ଚାଷୀ ମାନଙ୍କ ଆସ୍ଥା ସୁଧୁରିବା ସମ୍ଭାବନା ରହିଛି । ସେହିପରି ଗଡସାହି ଦୟା ନଦୀ ବନ୍ଧ ରୁ ଗୋଲରା ଗ୍ରାମ କୁ ଯାଇଥିବା ନାଳ ରେ ଦଳ ଓ ଘାସ ମାଡ଼ି ଯାଇଥିବାରୁ ଏବେ ଏହା ଅଦରକାରୀ ହୋଇଯାଇଛି ।ଖରାଟିଆ ଧାନ ଫସଲ ପାଇଁ ଚାଷୀ ମାନଙ୍କ କାର୍ଯ୍ୟରେ ଆସୁନଥିବା ଅଭିଯୋଗ ହେଉଛି । ଏହି ଖଲାସି ନାଳ ଦୀର୍ଘ ଦିନ ହେବ ପୁନରୁଦ୍ଧାର ହୋଇନଥିବା ଜଣାପଡିଛି । ଏହି ସବୁ ଅଂଚଳ ରେ ବିଭାଗ ପକ୍ଷ ରୁ ନାଳ କୁ ପୁନରୁଦ୍ଧାର କରାଗଲେ ଚାଷୀ ମାନେ ଉପକୃତ ହୋଇପାରିବେ ।



# ବସୁଧା ଯୋଜନାରେ ନିମ୍ନ ମାନର ପାଇପ କାମ : ପାଇପ ଫାଟି ଝରଣା ପରି ବୋହି ଯାଉଛି ପାଣି

ଚମ୍ପୁଆ (ଭିଓଭି): ବସୁଧା ଯୋଜନାରେ ପ୍ରତି ଘରକୁ ପାଣି ଯୋଗାଇବା ପାଇଁ ବିଛା ଯାଇଥିବା ଭୂତଳ ପାଇପ ଲାଇନ କାର୍ଯ୍ୟରେ ନିମ୍ନ ମାନର କାମ ଯୋଗୁଁ ପାଣି ପାଇପ ରୁ ଅନବରତ ପାଣି ବୋହି ଚାଲିଥିବା ବେଳେ ସାହିବସୀ ଟୋପେ ପିଇବା ପାଣି ରୁ ବଞ୍ଚିତ ହେଉଛନ୍ତି । ଚମ୍ପୁଆ ବ୍ଲକରେ ପ୍ରତି ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦେବାପାଇଁ କୋଦଗାଡ଼ିଆ ପଞ୍ଚାୟତ ଅନ୍ତର୍ଗତ ମିରିଗସିଙ୍ଗା ବୈତରଣୀ ନଦୀ କୂଳରେ ବସୁଧା ଯୋଜନାରେ କୋଟି କୋଟି ଟଙ୍କା ବିନିମୟରେ ପ୍ରତି ଘରକୁ ପାଇପ ପାଣି ଯୋଗାଣ ପାଇଁ ଲକ୍ଷ ରଖା ଯାଇ ପ୍ରତି ଗ୍ରାମର ପ୍ରତି ଘର କୁ ଭୂତଳ ପାଇପ ଲାଇନ ସଂଯୋଗ କରାଯାଇଛି । ତେବେ ବିଭିନ୍ନ ସ୍ଥାନ ରେ ପାଇପ କାମ ନିମ୍ନ ମାନର କରାଯାଇଥିବା ଯୋଗୁଁ ପାଇପ ଗୁଡିକ ଫାଟି ପାଇପ ରୁ ପାଣି ଲିକ ହୋଇ ଅନବରତ ପାଣି ବୋହି ଚାଲିଥିବା ଦେଖିବାକୁ ମିଳିଛି । ଚମ୍ପୁଆ ବ୍ଲକର ସୁନାପଶି ପଞ୍ଚାୟତ ଅନ୍ତର୍ଗତ ସରାସପଶି ଗ୍ରାମର ଗୁଡାସାହି ଠାରେ ପାଇପ ସଂଯୋଗ କାର୍ଯ୍ୟ ଏତେ ନିମ୍ନ ମାନର କରା ଯାଇଛି ଯେ ପାଇପ ସଂଯୋଗର କେଇଟା ଦିନରେ ପାଇପ ଫାଟି ଯିବାରୁ ପାଣି ଲିକ ଗାଁ ଦାଣ୍ଡରେ ପାଣି ବୋହି ଯାଉଥିବା ଦେଖା ଯାଇଛି । ସାହି ମଝିରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇ ମାଛ ଗଡିଆର ଭ୍ରମ ସୃଷ୍ଟି କରୁଥିବାରୁ ଗ୍ରାମବାସୀଙ୍କ ଯାତାୟାତ ପାଇଁ ବିପଦ ସୃଷ୍ଟି କରିଛି । ଦାଣ୍ଡ ମଝିରେ ପାଣି ଲିକ ହୋଇ ବୋହି ଯାଉଥିବାରୁ ଗ୍ରାମର ଶେଷ ମୁଣ୍ଡରେ ଥିବା ଦଶରୁ ଉର୍ଦ୍ଧ୍ୱ ପରିବାର କୁ ପିଇବା ପାଣି ପହଞ୍ଚି ପାରୁନାହିଁ । ସେହିପରି ଜଙ୍ଗଲ ସାହିରେ ପାଇପ ସଂଯୋଗ ତ ହୋଇଛି ହେଲେ ଜଳ ଯୋଗାଣ ହେଉ ନ ଥିବାରୁ ପନ୍ଦରରୁ ଉର୍ଦ୍ଧ୍ୱ ପରିବାର ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି । ଦାୟିତ୍ୱରେ ଥିବା ଟେକନିସିଆନ ଏଥିପ୍ରତି ଦୃଷ୍ଟି ନ ଦେବାରୁ ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଙ୍କୁ ଜଣାଇଲା ପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା କହିଛନ୍ତି ଗ୍ରାମବାସୀ । ଆଗକୁ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବାକୁ ଯାଉଥିବା ବେଳେ ଗ୍ରାମରେ ଏବେ ଠାରୁ ପାଣି ସମସ୍ୟା ଦେଖାଦେଲାଣି । ତେବେ ବିଭାଗୀୟ ଅଧିକାରୀ ଓ ଠିକାଦାର ଙ୍କ ସଲସୁତୁରା ଯୋଗୁ ସାହିବାସୀ ପାନୀୟ ଜଳ ରୁ ବଞ୍ଚିତ ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଯାହାକୁ ନେଇ ଗ୍ରାମରେ ଅସନ୍ତୋଷ ମଧ୍ୟ କୁହୁଳୁଛି । ଏ ସମ୍ପର୍କରେ ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ କରନ ସୋରେନଙ୍କୁ ଯୋଗାଯୋଗ କରିବାରୁ ଆମ ନିକଟରେ ଅଭିଯୋଗ ହୋଇଛି, ଖୁବ ଶୀଘ୍ର ମରାମତି କରି ଦିଆ ଯିବ ବୋଲି କହିଛନ୍ତି । ତେବେ ଦୀର୍ଘ ଦିନ ବିତିଯିବା ପରେ ମଧ୍ୟ ପାଇପ ଲାଇନ ମରାମତି ହୋଇପାରି ନାହିଁ । ରାଜ୍ୟ ସରକାର ପ୍ରତି ଗ୍ରାମକୁ ୨୪ ଘଣ୍ଟା ପାନୀୟ ଜଳ ଯୋଗାଣ ପାଇଁ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଅନୁଦାନ ଯୋଗାଇ ଦେଉଥିବା ବେଳେ ନିମ୍ନ ମାନର କାମ କରାଯାଇ ଏହି ଅନୁଦାନ ଅର୍ଥର ସିଂହ ଭାଗ ହରିଲୁଟ କରା ଯାଉଥିବା ଅଭିଯୋଗ ହେଉଛି । ନିମ୍ନ ମାନର କାମ ପାଇଁ ଏହି ଯୋଜନାର ସଫଳ ରୂପାୟନ ଉପରେ ପ୍ରଶ୍ନ ବାଚୀ ସୃଷ୍ଟି ହେଉଥିବା ବେଳେ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବୀ ହେଉଛି ।



# THE ETHICS GAP: INDIA'S STRUGGLE TO REGULATE GENERATIVE AI



Sahil Sarthak Biswal
MTCTrains, Australia

India has been experiencing a significant transformation with the rise of generative artificial intelligence technologies in recent years. This technological revolution brings both remarkable opportunities and serious ethical challenges that deserve closer examination.

In the business sector, particularly in customer service operations, AI voice-modification technology has become increasingly prevalent. Teleperformance, a French company with substantial operations in India, implemented AI systems that alter the natural accents of Indian and Filipino call centre employees in real time, making them sound more stereotypically American.

The rationale behind this practice seems straightforward at first glance: neutralizing accents might reduce communication barriers and improve customer satisfaction metrics. However, this approach raises profound questions about cultural identity and respect. By algorithmically erasing linguistic markers that reflect employees' cultural backgrounds, these practices subtly reinforce the problematic notion that Western speech patterns are inherently superior or more professional.

The 2024 Indian general elections highlighted another troubling application of generative AI. Political parties embraced deepfake technology to create manipulated videos that could influence public belief and potentially sway voter opinions.

The Bharatiya Janata Party (BJP) circulated an AI-generated video that depicted an imprisoned political opponent performing a Bollywood song. While intended as political satire, this fabricated content blurred the lines between reality and fiction in the political sphere. Not to be outdone, the Congress Party distributed their own modified video showing Prime Minister Narendra Modi in a satirical context.




These examples may seem harmless or even amusing on the surface, but they represent the thin edge of a dangerous wedge. The same technology that enables playful political parodies today could tomorrow be used to fabricate false statements from candidates, create entirely fictional political events, or spread damaging misinformation during critical democratic processes.

The ease with which these deepfakes can be created and their increasing sophistication pose significant challenges for voters trying to distinguish authentic information from manipulated content. This technological capability threatens to undermine public trust in visual and audio evidence – traditionally considered more reliable forms of information – with potential long-term consequences for democratic institutions.

The publishing industry has found itself at the centre of another AI-related controversy. In January 2025, a coalition of global and Indian publishers, including prestigious names like Bloomsbury and Penguin Random House, initiated legal action against OpenAI. The lawsuit alleges that OpenAI's ChatGPT accessed, used, and summarized copyrighted content without proper authorization or compensation.

The Federation of Indian Publishers, representing numerous publishing houses, sought legal remedies including either halting OpenAI's use of their intellectual property for AI training purposes or establishing proper licensing agreements with appropriate compensation mechanisms. This legal battle exemplifies the fundamental tension between rapid technological advancement and established intellectual property rights frameworks.

Publishers argue that generative AI systems effectively extract value from creative works while bypassing traditional compensation systems for authors and publishers. The AI companies counter that their use constitutes "fair use" or transformative use that does not directly compete with the original works. This complex legal landscape remains uncharted territory, with significant implications for creative industries worldwide.

Another concerning trend involves the unauthorized use of celebrity likenesses and voices for commercial purposes. Generative AI makes it increasingly easy to create realistic simulations of well-known personalities without their consent. In India, where film stars and cricketers hold tremendous cultural influence, the potential for misuse is particularly high.

These technologies can be employed to create fake endorsements, place celebrities in compromising fictional scenarios, or generate entirely fabricated statements. Beyond the commercial implications, such misuse poses serious threats to personal autonomy and reputation management. The existing legal frameworks for personality rights and defamation were not designed with these technological capabilities in mind, creating significant regulatory gaps.

As AI continues to evolve at a remarkable pace, the challenge lies in developing governance frameworks that are both robust enough to prevent misuse and flexible enough to accommodate beneficial innovation. India's diverse and dynamic society provides a unique testing ground for navigating these complex issues, with potential lessons for other nations grappling with similar technological transitions.

The goal should be ensuring that artificial intelligence serves as a tool for human flourishing rather than a mechanism for manipulation, exploitation, or cultural erasure. Achieving this balance will require thoughtful collaboration between government, industry, civil society, and individual citizens.



# ଅଧିକ ସମୟ ଲିଭ୍-ଇନ୍ ସମ୍ପର୍କରେ ଥିଲେ ମହିଳା ବଳାତ୍କାର ମାମଲା କରିପାରିବେ ନାହିଁ : ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,(ଭିଓଭି): ସୁପ୍ରିମକୋର୍ଟ ରାୟ ଦେଇଛନ୍ତି ଯେ ଲମ୍ବା ସମୟ ଲିଭ୍-ଇନ୍ ସମ୍ପର୍କରେ ଥିବା ଜଣେ ମହିଳା ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରାଯାଇଥିବା ଦାବି କରିପାରିବେ ନାହିଁ ଯାହା ଦ୍ୱାରା ତାଙ୍କ ସାଥୀଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆସିପାରିବ। ଦି ଟାଇମ୍ସ ଅଫ୍ ଇଣ୍ଡିଆ ରିପୋର୍ଟ ଅନୁଯାୟୀ, ଏପରି କ୍ଷେତ୍ରରେ, ଏହା ନିଶ୍ଚିତ ଭାବରେ ସିଦ୍ଧାନ୍ତରେ କୁହାଯାଇପାରିବ ନାହିଁ ଯେ ଶାରୀରିକ ସମ୍ପର୍କ କେବଳ ବିବାହର ପ୍ରତିଶ୍ରୁତି ଆଧାରରେ ହୋଇଥିଲା। ଲିଭ୍-ଇନ୍ ସାଥୀଙ୍କ ଦ୍ୱାରା ବଳାତ୍କାର ଅଭିଯୋଗରେ ଅଭିଯୁକ୍ତ ଜଣେ ବ୍ୟାଙ୍କ ଅଧିକାରୀଙ୍କ ବିରୁଦ୍ଧରେ ଫୌଜଦାରୀ କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରିବା ସମୟରେ କୋର୍ଟ ଏହି ମନ୍ତବ୍ୟ ଆସିଛି। ବିଚାରପତି ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ଖଣ୍ଡପୀଠ ଜଣେ ମହିଳା ଅଧ୍ୟାପକଙ୍କ ଆବେଦନକୁ ଖାରଜ କରିଦେଇଥିଲେ ଯିଏ ଅଭିଯୋଗ କରିଥିଲେ ଯେ ସେ ବିବାହର ପ୍ରତିଶ୍ରୁତି ଆଧାରରେ ଅଭିଯୁକ୍ତଙ୍କ ସହ ୧୬ ବର୍ଷ ଧରି ଯୌନ ସମ୍ପର୍କରେ ଥିଲେ। କୋର୍ଟ କହିଛନ୍ତି ଯେ ଉଭୟ ବ୍ୟକ୍ତି ସୁଶିକ୍ଷିତ ଥିଲେ ଏବଂ ସ୍ୱେଚ୍ଛାକୃତ ଭାବରେ ଏକ ସହମତିପୂର୍ଣ୍ଣ ସମ୍ପର୍କ ବଜାୟ ରଖିଥିଲେ, ବିଭିନ୍ନ ସହରରେ ରହୁଥିବା ବେଳେ ମଧ୍ୟ ପ୍ରାୟତଃ ପରସ୍ପରର ବାସସ୍ଥାନକୁ ଯାଆନ୍ତି। ଏହା ଦର୍ଶାଉଛି ଯେ ମାମଲାଟି ଏକ ବିଫଳ ପ୍ରେମ ସମ୍ପର୍କ କିମ୍ବା ଏକ ଲିଭ୍-ଇନ୍ ସମ୍ପର୍କକୁ ପ୍ରତିଫଳିତ କରିଛି ଯାହା ସମୟକ୍ରମେ ତିକ୍ତ ହୋଇଯାଇଥିଲା। ସୁପ୍ରିମକୋର୍ଟ କହିଛନ୍ତି ଯେ ଘନିଷ୍ଠ ସମ୍ପର୍କ ଥିବା ୧୬ ବର୍ଷର ଦୀର୍ଘ ସମୟରୁ ଏହା ନିର୍ଣ୍ଣୟ ହୁଏ ଯେ ବଳପ୍ରୟୋଗର କୌଣସି ଅସ୍ତିତ୍ୱରେ ନଥିଲା। "ଏହା ବିଶ୍ୱାସ କରିବା କଷ୍ଟକର ଯେ ଅଭିଯୋଗକାରୀ ପ୍ରାୟ ୧୬ ବର୍ଷ ଧରି ଆବେଦନକାରୀଙ୍କ ଦାବିକୁ ମାନିବା ଜାରି ରଖିଥିଲେ ଏବଂ କୌଣସି ବର୍ଗକୁ କୌଣସି ପ୍ରତିବାଦ କରିନଥିଲେ ଯେ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଆବେଦନକାରୀ ତାଙ୍କୁ ଯୌନ ଶୋଷଣ କରୁଥିଲେ। ୧୬ ବର୍ଷ ଧରି ଦୁଇଜଣଙ୍କ ମଧ୍ୟରେ ଯୌନ ସମ୍ପର୍କ ଅବିରତ ଭାବରେ ଜାରି ରହିବା ଏହି ସିଦ୍ଧାନ୍ତ ପାଇଁ ଯଥେଷ୍ଟ ଯେ ସମ୍ପର୍କରେ କେବେବି ବଳପ୍ରୟୋଗ କିମ୍ବା ପ୍ରତାରଣାର ଉପାଦାନ ନଥିଲା," ଶୀର୍ଷ କୋର୍ଟ କହିଛନ୍ତି। କୋର୍ଟ କହିଛନ୍ତି ଯେ ଯଦିଓ ଏହା ଧରିନିଆଯାଏ ଯେ ଏକ ମିଥ୍ୟା ପ୍ରତିଶ୍ରୁତି ଦିଆଯାଇଥିଲା, ତେବେ ସମ୍ପର୍କର ଦୀର୍ଘ ଅବଧି ଅଭିଯୋଗକାରୀଙ୍କ ଦାବିକୁ ଦୁର୍ବଳ କରିଦେଇଛି ଯେ ତାଙ୍କ ସମ୍ମତି କେବଳ ବିବାହ ଆଶା ଉପରେ ଆଧାରିତ। ରାୟରେ ଜୋର ଦିଆଯାଇଛି ଯେ ଯେତେବେଳେ ଏକ ସମ୍ପର୍କ ଦୀର୍ଘ ସମୟ ଧରି ଜାରି ରହେ ସେତେବେଳେ ଏପରି ଦାବିଗୁଡ଼ିକ ବିଶ୍ୱସନୀୟତା ହରାଇଥାଏ।

# ରତ୍ନଭଣ୍ଡାର ଚାବି ହଜିବା ମାମଲାରେ ସରକାରଙ୍କ ସତ୍ୟପାଠ : ଅଧିକ ସମୟ ଦରକାର

କଟକ(ଭିଓଭି): ଶ୍ରୀଜଗନ୍ନାଥ ମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ତଦନ୍ତ କରି ଜଷ୍ଟିସ୍ ରଘୁବୀର ଦାଶ କମିସନ୍ ଦାଖଲ କରିଥିବା ରିପୋର୍ଟ ରାଜ୍ୟ କ୍ୟାବିନେଟ୍‌ରେ ଯଥା ସମୟରେ ଉପସ୍ଥାପନ କରାଯିବ। ଏଥିପାଇଁ କିଛି ସମୟ ଆବଶ୍ୟକ ବୋଲି ରାଜ୍ୟ ସରକାରଙ୍କ ତରଫରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଛି। ୨୦୨୪ ଜୁଲାଇ ୧୦ର ଏହି ସତ୍ୟପାଠରେ ଉଲ୍ଲେଖ କରାଯାଇଛି ଯେ ମାମଲାରେ ପୂର୍ବରୁ ରାଜ୍ୟ ସରକାର (ଗୃହ ବିଭାଗ)ଙ୍କ ତରଫରୁ ୨୦୨୪ ଏପ୍ରିଲ ୫ରେ ଏକ ସତ୍ୟପାଠ ଦାଖଲ କରାଯାଇଥିଲା। ସେହି ସତ୍ୟପାଠରେ ଉଲ୍ଲେଖ କରାଯାଇଥିଲା ଯେ ଜଷ୍ଟିସ୍ ରଘୁବୀର ଦାଶ କମିସନ ଦାଖଲ କରିଥିବା ତଦନ୍ତ ରିପୋର୍ଟ ନୂଆ କ୍ୟାବିନେଟ୍‌ରେ ଉପସ୍ଥାପନ କରାଯିବ। ଓଡ଼ିଶା ବିଧାନସଭା ନିର୍ବାଚନ ଫଳ ୨୦୨୪ ଜୁନରେ ପ୍ରକାଶ ପରେ ଗଠିତ ହେବାକୁ ଥିବା ନୂଆ କ୍ୟାବିନେଟ୍ ନିକଟରେ ଏହି ରିପୋର୍ଟ ଉପସ୍ଥାପନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯିବ। ନିର୍ବାଚନ ପରେ ନୂଆ କ୍ୟାବିନେଟ୍ ଗଠନ ସରିଛି। କମିସନଙ୍କ ରିପୋର୍ଟ ଯଥା ସମୟରେ କ୍ୟାବିନେଟ୍ ନିକଟରେ ଉପସ୍ଥାପନ କରାଯିବ ଏବଂ ଏଥିପାଇଁ କିଛି ସମୟ ଆବଶ୍ୟକ ବୋଲି ସତ୍ୟପାଠରେ ଉଲ୍ଲେଖ କରାଯାଇଛି। ଏଥିସହିତ ରତ୍ନଭଣ୍ଡାର ଖୋଲି ଶ୍ରୀଜିଉଙ୍କ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତି ମଣତି ପାଇଁ ସରକାର ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ କମିଟି ପୁନର୍ଗଠନ କରିଛନ୍ତି। ଏହି କମିଟି ନିଜ ଦାୟିତ୍ୱ ସଂପାଦନ କରୁଛି। ଏଭଳି ସ୍ଥିତିରେ ଏହି ଜନସ୍ୱାର୍ଥ ମାମଲାର ଆଉ ପ୍ରାସଂଗିକତା ନାହିଁ ବୋଲି ଜୁଲାଇ ୧୦ର ସତ୍ୟପାଠରେ ଉଲ୍ଲେଖ କରାଯାଇଛି। ଆଜି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ଅରିନ୍ଦମ ସିହ୍ନା ଓ ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠରେ ମାମଲାର ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ତରଫରୁ ଜୁଲାଇ ୧୦ରେ ସତ୍ୟପାଠ ଦାଖଲ କରାଯାଇଥିବା ଦର୍ଶାଯାଇଥିଲା। ଅନ୍ୟପକ୍ଷରେ ସତ୍ୟପାଠର କପି ଏ ପର୍ଯ୍ୟନ୍ତ ଆବେଦନକାରୀଙ୍କୁ ମିଳି ନଥିବା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ସତ୍ୟପାଠର କପି ଆବେଦନକାରୀଙ୍କୁ ପ୍ରଦାନ କରିବାକୁ ହାଇକୋର୍ଟ କହିବା ସହିତ ମାର୍ଚ୍ଚ ୧୨କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ଦିଲ୍ଲୀପ କୁମାର ବରାଳଙ୍କ ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୧୮ରେ ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ଚାବି ହଜିବା ପ୍ରସଙ୍ଗକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ସରକାର ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ରଘୁବୀର ଦାଶଙ୍କୁ କମିସନଙ୍କ ଅଧ୍ୟକ୍ଷ ଭାବେ ଦାୟିତ୍ୱ ପ୍ରଦାନ କରିଥିଲେ। ୨୦୧୮ ଜୁନ୍ ୮ରେ ଗୃହ ବିଭାଗ ପକ୍ଷରୁ ତଦନ୍ତର ଟର୍ମସ୍ ଅଫ୍ ରେଫରେନ୍ସ ପ୍ରକାଶ ପାଇଥିଲା। ତଦନ୍ତ ପରେ କମିସନ ୨୦୧୮ ନଭେମ୍ବର ୨୯ରେ ସରକାରଙ୍କୁ ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରଦାନ କରିଥିଲେ। ଏହି ରିପୋର୍ଟରେ ରତ୍ନଭଣ୍ଡାର ଚାବି ହଜିବା ରହସ୍ୟ ରହିଛି। କିନ୍ତୁ ସରକାର ଏହି ରିପୋର୍ଟକୁ ବିଧାନସଭାରେ ଉପସ୍ଥାପନ କରୁ ନାହାନ୍ତି। ରିପୋର୍ଟକୁ ସାର୍ବଜନୀନ ମଧ୍ୟ କରାଯାଉ ନାହିଁ। କମିସନ ଅଫ୍ ଇନ୍‌କ୍ୱାରି ଆଇନ ୧୯୫୨ର ଧାରା ୩(୪) ଅନୁସାରେ ସରକାର ଏହି ପ୍ରସଙ୍ଗରେ ପଦକ୍ଷେପ ନିଅନ୍ତୁ ବୋଲି ଦର୍ଶାଇ ଆବେଦନକାରୀ ୨୦୨୩ରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ। କମିସନ ଅଫ୍ ଇନ୍‌କ୍ୱାରି ଆଇନ ଅନୁସାରେ ସରକାର ଏହି ରିପୋର୍ଟକୁ ବିଧାନସଭାରେ ଉପସ୍ଥାପନ କରିବା ଉଚିତ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।



ବିଚାର ବିଭାଗୀୟ ତଦନ୍ତ କମିସନ ରିପୋର୍ଟ ରାଜ୍ୟ କ୍ୟାବିନେଟ୍‌ରେ ଉପସ୍ଥାପିତ ହେବ ବୋଲି ପୂର୍ବ ବିଜେଡି ସରକାର ୨୦୨୪ ଏପ୍ରିଲରେ ଦେଇଥିବା ସତ୍ୟପାଠରେ ଦର୍ଶାଇଥିଲେ। ସାଧାରଣ ନିର୍ବାଚନରେ ସରକାର ବଦଳିଗଲା। ବିଜେପି ସରକାର କ୍ଷମତାକୁ ଆସିବା ପରେ ୨୦୨୪ ଜୁଲାଇରେ ହାଇକୋର୍ଟରେ ଦିଆଯାଇଥିବା ସତ୍ୟପାଠରେ ଦର୍ଶାଗଲା ଯେ ଜଷ୍ଟିସ୍ ରଘୁବୀର ଦାଶ କମିସନ ରିପୋର୍ଟ କ୍ୟାବିନେଟ୍‌ରେ ଉପସ୍ଥାପିତ ହେବ। କିନ୍ତୁ ଏହାମଧ୍ୟରେ ୮ ମାସ ବିତିଗଲାଣି। ଏହି ରିପୋର୍ଟ କ୍ୟାବିନେଟ୍ ନିକଟରେ ଉପସ୍ଥାପନ କରାଯାଇଥିବା ନେଇ କୌଣସି ସୂଚନା ନାହିଁ। ୨୦୧୮ର ଏହି ରିପୋର୍ଟ କ୍ୟାବିନେଟ୍‌ରେ ଉପସ୍ଥାପିତ ହେବାକୁ ଆଉ କେତେ ଦିନ ଲାଗିବ ବୋଲି ଏବେ ପ୍ରଶ୍ନ ଉଠୁଛି।

# ଭାଙ୍ଗିଥିବା ଘର ସରକାରୀ ଖର୍ଚ୍ଚରେ ତିଆରି କରିବାକୁ ନିର୍ଦ୍ଦେଶ ଦେବୁ : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ (ଭିଓଭି): ପ୍ରୟାଗରାଜରେ ୨୦୨୧ରେ ହୋଇଥିବା ଏକ ବୁଲଡୋଜର କାର୍ଯ୍ୟାନୁଷ୍ଠାନକୁ ନେଇ ସୁପ୍ରିମକୋର୍ଟ ୟୁପି ସରକାରଙ୍କୁ କଡ଼ା ପ୍ରଶ୍ନ କରିଛନ୍ତି। ଅଦାଲତ କହିଛନ୍ତି ଯେ ଭଙ୍ଗା ଯାଇଥିବା ଘରଗୁଡ଼ିକର ପୁନଃନିର୍ମାଣ ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇପାରନ୍ତି। ପ୍ରୟାଗରାଜରେ ଜଣେ ଓକିଲ, ଜଣେ ପ୍ରଫେସର ଏବଂ ଅନ୍ୟ ୩ ଜଣଙ୍କ ଘର ଭାଙ୍ଗିଦେଇଥିବାରୁ ସୁପ୍ରିମକୋର୍ଟ ଉତ୍ତରପ୍ରଦେଶ ସରକାରଙ୍କୁ ସମାଲୋଚନା କରିଛନ୍ତି। ଜଷ୍ଟିସ୍ ଅଭୟ ଏସ୍ ଓକା ଓ ଜଷ୍ଟିସ୍ ଏନ୍ କୋଟିଶ୍ୱର ସିଂହ ତୀବ୍ର ଅସନ୍ତୋଷ ବ୍ୟକ୍ତ କରି କହିଛନ୍ତି ଯେ ଏଭଳି କାର୍ଯ୍ୟ ଏକ ଆଶ୍ଚର୍ଯ୍ୟଜନକ ଓ ଭୁଲ୍ ସଙ୍କେତ ଦେଇଥାଏ। ବିଚାରପତି ଓକା କହିଛନ୍ତି, ଧାରା ୨୧ ନାମକ କିଛି ଅଛି। ଜଷ୍ଟିସ୍ ଓକା ନିକଟରେ ସୁପ୍ରିମକୋର୍ଟଙ୍କ ଏକ ରାୟକୁ ମଧ୍ୟ ସୂଚାଇଥିଲେ ଯେଉଁଥିରେ ଉଚ୍ଛେଦ ପୂର୍ବରୁ ଅନୁସରଣ କରାଯାଉଥିବା ପ୍ରକ୍ରିୟା ବିଷୟରେ ଉଲ୍ଲେଖ କରାଯାଇଥିଲା। ଜଷ୍ଟିସ୍ ଓକା ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରି କହିଛନ୍ତି ଯେ ଅଦାଲତ ଏବେ ଭାଙ୍ଗି ଯାଇଥିବା ନିର୍ମାଣଗୁଡ଼ିକର ପୁନଃନିର୍ମାଣ ପାଇଁ ରାଜ୍ୟସରକାରଙ୍କୁ ନିର୍ଦ୍ଦେଶ ଦେବେ। ଜଷ୍ଟିସ ଓକା କହିଛନ୍ତି, ଆମେ ଏବେ ଆପଣଙ୍କ ଖର୍ଚ୍ଚରେ ପୁନଃନିର୍ମାଣ ଆଦେଶ ଦେବୁ, ଏହା ହିଁ ଏକମାତ୍ର ଉପାୟ। ଆହ୍ଲାବାଦ ହାଇକୋର୍ଟ ଉଚ୍ଛେଦ ବିରୋଧରେ କରିଥିବା ଆବେଦନଖାରଜ ହେବା ପରେ ଆବେଦନକାରୀ, ଆଇନଜୀବୀ ଜୁଲ୍ଫିକାର ହାଇଦର, ପ୍ରଫେସର ଅଲ୍ଲୀ ଅହମ୍ମଦ, ଦୁଇ ଜଣ ବିଧବା ଏବଂ ଅନ୍ୟ ଜଣେ ବ୍ୟକ୍ତି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।



## TARIFF

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

## CONTACT

6371417361 voiceofvictimsnews@gmail.com
www.voiceofvictims.co.in
Follow/Like/Subscribe :
Voice Of Victims News

Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra** ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର